


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୮ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 08 MARCH 2025
Vol.No. 36 ■ No.64 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

## ପରିସୀମନ ପ୍ରସଙ୍ଗରେ ସବୁ ଦକ୍ଷିଣ-ଭାରତ ରାଜ୍ୟକୁ ଚିଠି ଲେଖିଲେ ଷ୍ଟାଲିନ୍



ନୂଆଦିଲ୍ଲୀ, ୦୭/୩ : ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ଦକ୍ଷିଣ ଭାରତ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଷ୍ଟାଲିନ୍ ଜାତୀୟ ଶିକ୍ଷା ନୀତି (ଏନଇପି) ଏବଂ ପରିସୀମନ (ଡିଲିମିଟେସନ) ପ୍ରସଙ୍ଗରେ କେରଳ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ କର୍ଣ୍ଣାଟକ ସମେତ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ ଲୋଡ଼ିଛନ୍ତି। ଷ୍ଟାଲିନ୍ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଜାତୀୟ ଶିକ୍ଷା ନୀତି (ଏନଇପି) ଏବଂ ପରିସୀମନରେ ତାଙ୍କ ଅଭିମୁଖ୍ୟକୁ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି। ଷ୍ଟାଲିନ୍ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଜାତୀୟ ଶିକ୍ଷା ନୀତି (ଏନଇପି) ଏବଂ ପରିସୀମନରେ ତାଙ୍କ ଅଭିମୁଖ୍ୟକୁ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି। ଆସନ୍ତା ୨୨ ତାରିଖରେ ଚେନ୍ନାଇରେ ହେବାକୁ ଥିବା ପରିସୀମନ କମିଟି ବୈଠକରେ ଯୋଗଦେବାକୁ ଷ୍ଟାଲିନ୍ ମୁଖ୍ୟମନ୍ତ୍ରୀମାନଙ୍କୁ ନିବେଦନ କରିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଚିଠିରେ ଏହି ମୁଖ୍ୟମନ୍ତ୍ରୀମାନଙ୍କୁ ଦଳଗତ ମତଭେଦରୁ ଉପରକୁ ଉଠି ରାଜ୍ୟର ସ୍ୱାର୍ଥ ପାଇଁ ଏକାଠି ହେବାକୁ ଅନୁରୋଧ କରିଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ପରିସୀମନ ପ୍ରକ୍ରିୟାକୁ ନେଇ ଷ୍ଟାଲିନ୍ ଉଦବେଗ ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟା ଦେଶର ଭବିଷ୍ୟତ ଗଢ଼ିବାରେ ସଫଳତାର ସହ ଜନସଂଖ୍ୟା ନିୟନ୍ତ୍ରଣ କରିଥିବା ତାମିଲନାଡୁ ଭଳି ରାଜ୍ୟଗୁଡ଼ିକର ପ୍ରଭାବକୁ ହ୍ରାସ କରିପାରେ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଜାତୀୟ ଶିକ୍ଷାନୀତି ମାଧ୍ୟମରେ ହିନ୍ଦିକୁ ଦକ୍ଷିଣ ଭାରତ ଉପରେ ଲଦି ଦିଆଯାଉଛି ବୋଲି ସେ କହିଛନ୍ତି ।

## ଏଫଆଇଆର୍ ନରଖିଲେ ଆଇଆଇସି ହେବେ ସସ୍‌ପେଣ୍ଡ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୭/୩ (ନି.ପ୍ର): ଏଫଆଇଆର୍ ନ ରଖିଲେ ଆଇଆଇସି ହେବେ ସସ୍‌ପେଣ୍ଡ । ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କର । ଋଜୁ ରଖିବା ସହ ଘଟଣା ସମ୍ପର୍କରେ ଆଲୋଚନା ନକଲେ ସଂପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ ବୋଲି କଡ଼ା ତାଗିଦ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ରାଜ୍ୟରେ ୧୪ଟି ଥାନାର ନୂତନ କୋଠା ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ତାଗିଦ କରିବା ସହ ପୋଲିସ ଡିଜିଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ବିଧାୟକ ସମୟରେ ତାଙ୍କୁ କେମିତି ପୋଲିସ ହଇରାଣ କରିଥିଲା ସେନେଇ ନିଜ ଅନୁଭୂତି ବଖାଣିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ବିଧାୟକ ଥିବା ବେଳେ ୨୦୧୯ରେ ମୋତେ କେନ୍ଦୁଝର ଆଇଆଇସି ଦୁର୍ବ୍ୟବହାର କରିଥିଲେ । ଗେଟ୍ ଆଉଟ ବୋଲି କହିଥିଲେ । ତେଣୁ ପୋଲିସ ବ୍ୟବହାର ପରିବର୍ତ୍ତନ କରୁ ଏବଂ ସାଧାରଣ ଲୋକଙ୍କୁ ସେବା ଯୋଗାଇଦେଉ ବୋଲି ମୋହନ ମାଝୀ କହିଛନ୍ତି । ସେହିପରି ସେ ଆହୁରି କହିଛନ୍ତି, ଥାନାକୁ ଆସିଲେ ଚା'ପାଣି ଦେଇ ସମ୍ମାନ ସହକାରେ ପୋଲିସ ଅଭିଯୋଗ ଶୁଣିବା ଦରକାର । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଯେ ମୁଁ ଭୁକ୍ତଭୋଗୀ ଏଣୁ ଆଗକୁ ଆଉ ସେପରି ହେବନାହିଁ । ଆଗକୁ ପୋଲିସ ଶକ୍ତିଶାଳୀ ହେବା ସହ ଲୋକଙ୍କୁ ସେବା ଯୋଗାଇଦେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

## ଗିରଫ ହେଲେ କୋଟିପତି ବାବୁ: ଘରେ ଥିଲା ୨ କିଲୋ ସୁନା ଓ ୧୭ ଲକ୍ଷ ଟଙ୍କା



ଭୁବନେଶ୍ୱର, ୦୭/୩ (ନି.ପ୍ର): କଟକସ୍ଥିତର ଯୁଗ୍ମ କମିଶନର ପ୍ରଦୀପ ମହାନ୍ତି ଗିରଫ ହୋଇଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ। ଚଢ଼ାଉ ବେଳେ ୨ କିଲୋଗ୍ରାମ ୧୦୦ ଗ୍ରାମ ସୁନା ସହ ୧୭ ଲକ୍ଷ ୫୫ ହଜାର ଟଙ୍କା ଠାବ କରିଥିଲା ଭିଜିଲାନ୍ସ । ପ୍ରଦୀପଙ୍କ ବିପୁଳ ସଂପତ୍ତି ଦେଖି ଜଳକା ଭିଜିଲାନ୍ସ । ମୋଟା ମୋଟା ସୁନାହାର, କାନଫୁଲ, ସୁନା ଚୁଡ଼ି, ମୁଦି ସାଂଗକୁ ସୁନା ବିସ୍କୁଟ । ଘରେ ଥିଲା ବିଡ଼ା ବିଡ଼ା ୫ଶହ ଟଙ୍କିଆ ବଣ୍ଡଲ । ୧୭ ଲକ୍ଷ ୫୫ ହଜାରର ନଗଦ ଟଙ୍କା ସହ ୭ ଶହ ଗ୍ରାମର ୩ଟି ସୁନା ବିସ୍କୁଟ ଦେଖି ଜଳକା ହୋଇଯାଇଥିଲା ଭିଜିଲାନ୍ସ ଟିମ୍ । ଭୁବନେଶ୍ୱର ମୈତ୍ରୀ ବିହାର ଘରେ ରେଡ୍ ବେଳେ ମିଳିଛି ଏହି ବିପୁଳ ସଂପତ୍ତି । ତେବେ ବାବୁଙ୍କ ସମ୍ପତ୍ତିର ତାଲିକା ଏଇଠି ସରିଯାଇନି । ରେଡ୍‌ରୁ ଜଣାପଡିଛି ପ୍ରଦୀପଙ୍କର ଭୁବନେଶ୍ୱର, ଖୋର୍ଦ୍ଧା ଓ ପୁରୀରେ ରହିଛି ୩ଟି ବହୁତଳ କୋଠା । ଭୁବନେଶ୍ୱର ରଘୁନାଥପୁରରେ ଏକ ୪ କୋଠରୀ ବିଶିଷ୍ଟ ଫ୍ଲାଟ ପାଇଁ ଦେଇଛନ୍ତି କୋଟିଏ ଟଙ୍କା । କିଣିଛନ୍ତି ୧୧ଟି ଫ୍ଲାଟ । ଆଉ ଏହି ଫ୍ଲାଟ୍ ଗୁଡିକ ମଧ୍ୟରେ ରହିଛି ଭୁବନେଶ୍ୱର, ଖୋର୍ଦ୍ଧା, ରଣପୁର ଓ ନୟାଗଡ଼ ଭଳି ଦାମୀ ସ୍ଥାନ ମାନଙ୍କରେ । ଯେଉଁଠି ଜମିର ମୂଲ୍ୟ ଆକାଶ ଛୁଆଁ । ନୟାଗଡ଼ କୁଶପଲ୍ଲୀରେ ବି ରହିଛି ୧୪ ଏକରର ଏକ ଫାର୍ମ ହାଉସ । ଏହାସହ ରହିଛି ପ୍ରଦୀପଙ୍କ ପାଖରେ ବେନାମୀ ୩ଟି ଚାରି ଚକିଆ ଗାଡ଼ି ଥିବା ଜାଣିବାକୁ ପାଇଛି ଭିଜିଲାନ୍ସ।

▶▶ପୃଷ୍ଠା ୭

## କିସ୍ ପ୍ରସଙ୍ଗ: ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଲେ ଏନଏଚଆରସି ଟିମ୍

ଭୁବନେଶ୍ୱର, ୦୭/୩ (ନି.ପ୍ର): ଅଚ୍ୟୁତ ସାମନ୍ତ ବିଜେଡି ସାଂସଦ ଥିଲେ, ତେଣୁ ନିୟମକୁ ବଳି ଦିଆଯାଇଛି । ୮୨ ଏକର ଇଡ୍ ?କୋ ଜମି ଜବରଦଖଲ କରି ରଖିଛନ୍ତି କିଟ୍ କର୍ତ୍ତୃପକ୍ଷ । କେବଳ କିଟ୍ ନୁହେଁ, କିସ୍ ବିରୋଧରେ ଅଭିଯୋଗର ବି ତଦନ୍ତ କରିପାରନ୍ତି ଜାତୀୟ ମାନବାଧିକାର କମିଶନ । କିଟ୍ କାଣ୍ଡର ତଦନ୍ତ କରୁଥିବା ଏନଏଚଆରସି ଆଗରେ ସାଙ୍ଘାତିକ ତଥ୍ୟ ରଖିଲେ ଆରଟିଆଇ କର୍ମୀ ।

### କିଟ୍ କାଣ୍ଡ: ଆଉ ୩ ବରିଷ୍ଠ ଅଧିକାରୀଙ୍କୁ ହାଜର ପାଇଁ ନୋଟିସ୍

କିସ୍ କେଳେଙ୍କାରୀ ନେଇ ତଥ୍ୟ ରଖିଲେ ଆରଟିଆଇ କର୍ମୀ ପ୍ରତାପ ମହାନ୍ତି । କିସ୍‌ରେ କାହିଁକି ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ପାଳନ ହେଉନି ପ୍ରଶ୍ନ କରିଛନ୍ତି । ବାରମ୍ବାର ଚିଠି ସତ୍ତ୍ୱେ କାହିଁକି ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ପାଳନ ହେଉନି। 'କିସ୍‌ରେ ପଢୁଥିବା ପିଲାଙ୍କ କାହିଁକି ଯତ୍ନ ନିଆଯାଉନି ବୋଲି ଘଏଁଜଉ ଆଗରେ ତଥ୍ୟ ରଖିଥିଲେ ଜଣଓ କର୍ମୀ । ସେହିପରି ସେ ଆହୁରି କହିଛନ୍ତି, ଅଚ୍ୟୁତ ସାମନ୍ତ ବିଜେଡି ସାଂସଦ ଥିଲେ, ତେଣୁ ନିୟମକୁ ବଳି ଦିଆଯାଇଛି । ୮୨ ଏକର ଇଡ୍‌କୋ ଜମି ଜବରଦଖଲ କରି ରଖିଛନ୍ତି କିଟ୍ କର୍ତ୍ତୃପକ୍ଷ । କେବଳ▶▶ପୃଷ୍ଠା ୭

## ମଣିପୁରରେ ୧୯୬ ଅସ୍ତ୍ର ଏବଂ ବିପୁଳ ପରିମାଣର ଗୋଳା ବାରୁଦ ସମର୍ପଣ କଲେ ସାଧାରଣ ଲୋକ

ଇମ୍ଫାଲ, ୦୭/୩ (ନି.ପ୍ର): ମଣିପୁରର ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କ ଅପିଲ୍ ଉପରେ ସାଧାରଣ ଲୋକଙ୍କ ଦ୍ୱାରା ମୋଟ୍ ୧୯୬ ବିଭିନ୍ନ ପ୍ରକାରର ଅସ୍ତ୍ର, ଟିୟର୍ ଗ୍ୟାସ୍ ଗନ୍, ଗୋଳା ବାରୁଦ ଏବଂ ଅନ୍ୟ ସୈନ୍ୟ ଉପକରଣ ବିଭିନ୍ନ ଜିଲ୍ଲା ଗୁଡିକରୁ ସ୍ୱେଚ୍ଛାକୃତ ଭାବେ ଆତ୍ମସମର୍ପଣ କରାଯାଇଛି । ଏହି ଆତ୍ମସମର୍ପଣ ଚୁରାଚାନ୍ଦପୁର, ବିଷ୍ଣୁପୁର, ଥୋଉବାଲ, ଇମ୍ଫାଲ ଇଷ୍ଟ, ଇମ୍ଫାଲ ୱେଷ୍ଟ, କାକୋଚିଙ୍ଗ, ଜିରୀବାମ ଏବଂ ଫେରେଜାଲ ଜିଲ୍ଲାରେ ହୋଇଛି । ଚୁରାଚାନ୍ଦପୁର ଜିଲ୍ଲା ଅନ୍ତର୍ଗତ ଚୁରାଚାନ୍ଦପୁର ଓସି ପୁଲିସ ଥାନା କାର୍ଯ୍ୟାଳୟରେ ୨ଟି ଏ/ବିଆରଏଲ(ଦେଶ ନିର୍ମିତ), ୪ଟି ପୋମ୍ପି ଗନ୍ (ଦେଶ ନିର୍ମିତ), ୨ଟି ପିସ୍ତଲ (ଦେଶ ନିର୍ମିତ), ୩ଟି ବୋମା (ଦେଶ ନିର୍ମିତ), ୪ଟି ଅଶ୍ରୁ ଗ୍ୟାସ୍ ଗ୍ରେନେଡ୍, ୬ଟି ରେଡ଼ିଓ ସେଟ୍, ୬ଟି ବିପିଜେ ପ୍ଲେଟ, ୧୭ଟି ବିପିଜେ ହାର୍ନିସ, ଗୋଟିଏ ହୈବରସୈକ, ୨ଟି ପାଉଚ୍, ୧୧ଟି ହେଲମେଟ୍, ୩ ଟି ଜୋତା ଏବଂ ଗୋଟିଏ ରବର୍ ବୁଲେଟ୍ କାରତୁସ୍ ସରେଣ୍ଡର ହୋଇଛି ।

## ମାର୍ଚ୍ଚ ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୦୭/୩ (ନି.ପ୍ର): ଆଗାମୀ ମାର୍ଚ୍ଚ ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତର ଥିବା ହେତୁ ଆସନ୍ତା ସୋମବାର ମାର୍ଚ୍ଚ ୧୦ ତାରିଖ ଦିନ ଭୁବନେଶ୍ୱର, ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବିରୋଧୀଙ୍କ ହଙ୍ଗାମା, ଚାଲିପାରିଲାନି ଗୃହ: ସୋମବାର ଯାଏଁ ବିଧାନସଭା ମୁଲତବୀ



ଭୁବନେଶ୍ୱର, ୦୭/୩ (ନି.ପ୍ର): ଚାଲିପାରିଲାନି ଗୃହ । ସକାଳୁ ନେଇ ଅପରାହ୍ନ ଯାଏଁ ଦେଖିବାକୁ ମିଳିଲା ହୋହାଲ୍ଲା ଓ ହଟ୍ଟଗୋଳର ଦୃଶ୍ୟ । ଯାହା ଫଳରେ ସୋମବାର ଯାଏଁ ଗୃହକୁ ମୁଲତବି କଲେ ବାଚସ୍ପତି । ତେବେ ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ଦୁଇଟି ପ୍ରସଙ୍ଗରେ ସରକାରକୁ ଘେରିଥିଲେ ବିରୋଧୀ । ଗୋଟିଏ ପଟେ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ଘଟଣାକୁ ପ୍ରସଙ୍ଗ କରିଥିଲା ବିଜେଡି । ସେପଟେ ରାଜ୍ୟରେ ନାରୀ ନିର୍ଯ୍ୟାତନା ଓ ଆଇନଶୃଙ୍ଖଳା ପ୍ରସଙ୍ଗକୁ ପ୍ରମୁଖ ମୁଦ୍ଦା କରିଥିଲା କଂଗ୍ରେସ । ଉଭୟ ଦଳ ପ୍ଲାକାର୍ଡ ଧରି ଗୃହରେ ହୋହଲ୍ଲା କରିବା ସହ ବିଧାନସଭା ବାହାରେ ମଧ୍ୟ ପ୍ରତିବାଦ କରିଥିଲେ । ଯେଉଁଥିପାଇଁ ଆଜି ଅଚଳ ରହିଥିଲା ଗୃହକାର୍ଯ୍ୟ । ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁଣି ହଟ୍ଟଗୋଳ ଆରମ୍ଭ ହେବାରୁ ବାଧ୍ୟ ହୋଇ ଗୃହକୁ ସୋମାବାର ଯାଏ ମୁଲତବି ଘୋଷଣା କରିଛନ୍ତି ବାଚସ୍ପତି । ତେବେ ଆଜି ବିଧାନସଭାରେ ଦେଖିବାକୁ ମିଳିଥିଲା କିଛି ରୋଚକ ଦୃଶ୍ୟ ।

▶▶ପୃଷ୍ଠା ୭

## ବିଜେଡିକୁ ଫେରିବେ ବିଜୟ: ବିଜୁ ଲିଗାସିକୁ ମିଳିବ ବଳ



ଭୁବନେଶ୍ୱର, ୦୭/୩ (ନି.ପ୍ର): ବିଜୟ ମହାପାତ୍ର ରାଜ୍ୟ ରାଜନୀତିର ଅନ୍ୟତମ ହେଭିୱେଟ୍ ଚେହେରା। ପାଖାପାଖି ୧୦ ବର୍ଷରୁ ଅଧିକ ସମୟ ଧରି ବିଜେପିରେ ଥିବା ଏହି ରାଜନେତାଙ୍କୁ ନେଇ ଏବେ ପୁଣି ଚର୍ଚ୍ଚା। ପୁଣିଥରେ ନିଜର ପୁରୁଣା ଦଳ ବିଜେଡିକୁ ବିଜୟ ମହାପାତ୍ର ଫେରିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । ତାହା ପୁଣି ୨୫ ବର୍ଷର ଲମ୍ବା ବ୍ୟବଧାନ ପରେ। କାରଣ ବିଜେଡିରେ ଗୋଷ୍ଠୀକନ୍ଦଳ ବଢ଼ିଥିବାବେଳେ ବରିଷ୍ଠ ନେତାଙ୍କୁ ଏବେ ଖୋଜା ପଡ଼ିଲାଣି । ୨୦୨୪ ନିର୍ବାଚନରେ ବିଜୟଙ୍କ ପୁଅ ଅରବିନ୍ଦ, ବିଜେଡି ଟିକେଟରେ ପାଟକୁରାରୁ ବିଧାନସଭାକୁ ନିର୍ବାଚିତ ହେବା ପରେ ଏହି ଚର୍ଚ୍ଚାକୁ ବଳ ମିଳିଛି। ଏକଦା ରାଜ୍ୟ ରାଜନୀତିରେ ଖୁବ ପ୍ରଭାବ ରଖୁଥିବା ବିଜୟ, ବିଜୁ ଜନତା ଦଳ ଗଠନରେ ମୁଖ୍ୟ ଭୂମିକା ନେଇଥିଲେ। ହେଲେ ଦଳ ତାଙ୍କୁ ପ୍ରଥମରୁ ଦୂରେଇ ଦେଇଥିଲା। ବିଜୟ ମହାପାତ୍ର ବିଧିବଦ୍ଧ ଭାବେ କେବେ ବିଜେଡିକୁ ଫେରିବେ, ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। କିନ୍ତୁ ତାଙ୍କ ପ୍ରତ୍ୟାବର୍ତ୍ତନ ବିଜୁ ଲିଗାସିକୁ ବଳ ଦେବ ବୋଲି ଚର୍ଚ୍ଚା ହେଉଛି।

## ୧୦ ମାର୍ଚ୍ଚରୁ ପିଜି ନାମଲେଖା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୦୭/୩ (ନି.ପ୍ର): ଓଡ଼ିଶା ସରକାର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ସ୍ନାତକୋତ୍ତର (ପିଜି) ନାମଲେଖା ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ସରକାରୀ ପ୍ରେସ୍ ରିଲିଜ୍ ଅନୁଯାୟୀ, ଏହି ପଦକ୍ଷେପର ଅଂଶ ସ୍ୱରୂପ, ସାଧାରଣ ଆବେଦନ ଫର୍ମ (ସିଏଏଫ) ଦାଖଲ ୧୦ ମାର୍ଚ୍ଚ ୨୦୨୫ଠାରୁ ଆରମ୍ଭ ହେବ । ପିଜି ପ୍ରୋଗ୍ରାମରେ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନଙ୍କୁ ସାଧାରଣ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ଦେବାକୁ ପଡିବ, କାରଣ ଚୟନ ସମ୍ପୂର୍ଣ୍ଣ ଭାବରେ ଯୋଗ୍ୟତା ଉପରେ ଆଧାରିତ ହେବ।

▶▶ପୃଷ୍ଠା ୭

## ପୁଣି ଏକନାଥଙ୍କୁ ଝଟ୍‌କା ଦେଲେ ଫଡନାଭିସ



ନୂଆଦିଲ୍ଲୀ, ୦୭/୩ : ନୀତି ଆୟୋଗ ଧାରାରେ ମହାରାଷ୍ଟ୍ର ସରକାର ମହାରାଷ୍ଟ୍ର ଇନଫର୍ମେଶନ ଏବଂ ଟ୍ରାନ୍ସଫରମେସନ (ମିତ୍ର) ସଂସ୍ଥା ପ୍ରତିଷ୍ଠା କରିଥିଲେ। ବିଲଡର ଅଜୟ ଅଶରଙ୍କୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏହି ସଂଗଠନର ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରିଥିଲେ। କିନ୍ତୁ ଏବେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି ଏବଂ ଅଜୟଙ୍କୁ ମିତ୍ରର ନିୟମିତ ବୋର୍ଡରୁ ହଟାଇ ଦେଇଛନ୍ତି। ଅଜୟ ଅଶର ଥାଣେର ଜଣେ ପ୍ରମୁଖ ବିଲ୍ଡର ଏବଂ କିଷାନନଗର ଅଞ୍ଚଳରେ ଅନେକ ନିର୍ମାଣ ପ୍ରକଳ୍ପ ସହିତ ଜଡିତ ଅଛନ୍ତି। ଏହି ଅଞ୍ଚଳ ଏକନାଥ ସିନ୍ଦେଙ୍କ ପ୍ରଭାବଶାଳୀ ବିଧାନସଭା ନିର୍ବାଚନମଣ୍ଡଳୀରେ ପଡ଼ିଥାଏ। ଅଶରଙ୍କୁ ପୂର୍ବରୁ ପୂର୍ବତନ କଂଗ୍ରେସ କର୍ପୋରେଟର ମନୋଜ ସିନ୍ଦେଙ୍କ ନିକଟତର ବୋଲି ବିବେଚନା କରାଯାଉଥିଲା। ୨୦୦୦ ମସିହାରେ, ଏକନାଥ ସିନ୍ଦେ ଶିବସେନାରେ ସକ୍ରିୟ ହୋଇଥିଲେ ଏବଂ ସ୍ୱର୍ଗତ ଶିବସେନା ନେତା ଆନନ୍ଦ ଦିଘେଙ୍କ ସମର୍ଥନରେ ରାଜନୀତିରେ ଅଗ୍ରଗତି କରିଥିଲେ। ବିଧାୟକ ହେବା ପରେ, ଏକନାଥ ସିନ୍ଦେ ଏବଂ ଅଜୟ ଅଶରଙ୍କ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇଲା, ଯାହା ଫଳରେ ଅଶର ଥାନେର ପୁନଃବିକାଶ ପ୍ରକଳ୍ପରେ ପ୍ରାଥମିକତା ପାଇବା ଆରମ୍ଭ କଲେ। ମୁଖ୍ୟମନ୍ତ୍ରୀ ହେବା ପରେ, ସିନ୍ଦେ ଅଶରଙ୍କୁ ମିତ୍ର ସଂସ୍ଥାର ଉପାଧ୍ୟକ୍ଷ ପଦରେ ନିଯୁକ୍ତ କରିଥିଲେ। ମହାଯୁତି ସରକାର ଗଠନ ହେବା ପରଠାରୁ ମୁଖ୍ୟମନ୍ତ୍ରୀ ଫଡନାଭିସ ଏବଂ ଉପମୁଖ୍ୟମନ୍ତ୍ରୀ ସିନ୍ଦେଙ୍କ ମଧ୍ୟରେ ମତଭେଦ ଥିବା ନେଇ ଆଲୋଚନା ଚାଲିଛି।

## ଆମେରିକା ବିରୋଧରେ ମିଳିତ ହେବାକୁ ଚୀନର ଭାରତକୁ ନିବେଦନ



ବେଜିଂ , ୦୭/୩ : ଶୁଳ୍କକୁ ନେଇ ଚୀନ୍ ଓ ଆମେରିକା ମଧ୍ୟରେ ଉତ୍ତେଜନା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଚୀନ୍ ଆମଦାନୀ ଉପରେ ଆମେରିକା ୨୦ ପ୍ରତିଶତ ଶୁଳ୍କ ଘୋଷଣା କରିଛି। ଏସବୁ ଭିତରେ ଚୀନ ଏବେ ଭାରତର ସହାୟତା ଲୋଡ଼ିଛି। ନୂଆଦିଲ୍ଲୀ ଓ ବେଜିଂ ମଧ୍ୟରେ ସହଯୋଗ କରିବା ସହ ଆମେରିକାର ଆଧିପତ୍ୟ ଓ କ୍ଷମତା ରାଜନୀତିକୁ ବିରୋଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ଶୁକ୍ରବାର ନିବେଦନ କରିଛନ୍ତି। ତାଙ୍କ ବୟାନକୁ ଆମେରିକା ସହ ଚାଲିଥିବା ବିବାଦ ପରିପ୍ରେକ୍ଷୀରେ ଦେଖାଯାଉଛି। ନ୍ୟାସନାଲ ପିପୁଲ୍ସ କଂଗ୍ରେସ ବୈଠକ ପରେ ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି, ଡ୍ରାଗନ୍ (ଚୀନ) ଓ ହାତୀ(ଭାରତ) ଏକାଠି ନୃତ୍ୟ କରିବା ଏକ ବାସ୍ତବତା ଏବଂ ଏକମାତ୍ର ଉପଯୁକ୍ତ ବିକଳ୍ପ। ପରସ୍ପରକୁ ଦୁର୍ବଳ କରିବା ପରିବର୍ତ୍ତେ ପରସ୍ପରକୁ ସମର୍ଥନ କରିବା ଏବଂ ସହଯୋଗକୁ ସୁଦୃଢ଼ କରିବା ଉଭୟ ଦେଶ ଓ ଜାତିର ମୌଳିକ ସ୍ୱାର୍ଥରେ ରହିଛି ବୋଲି ସେ କହିଛନ୍ତି।

# ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ନୂତନ ଛାତ୍ରାବାସ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୦୭/୩ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଏକ୍ସଆଇଏମ) ବିଶ୍ୱବିଦ୍ୟାଳୟରେ ଏକ ନୂତନ ଛାତ୍ରାବାସ ଉଦଘାଟନ କରିଛନ୍ତି । ଏହି ଅବସରରେ ଓଡ଼ିଶା ଓ ଭାରତ ପାଇଁ ଅଧିକ ଗୌରବ ଆଣିବା ପାଇଁ ସାମାଜିକ ଗବେଷଣାରେ ନିୟୋଜିତ ହେବାକୁ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟକୁ ଆହ୍ୱାନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୁବନେଶ୍ୱର ସବୁଠାରୁ ସ୍ୱତନ୍ତ୍ର ସ୍ଥାନ । କଳା, ସଂସ୍କୃତି ଏବଂ ମନ୍ଦିରମାଳିନୀର ସହର । ଏହି ସ୍ଥାନରେ ଆଇଆଇଟି, ଆଇଏଲଏସ, ଏମ୍ସ, ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ୧୦ରୁ ଅଧିକ ପ୍ରତିଷ୍ଠିତ ଅନୁଷ୍ଠାନ ଗଢିଉଠିଛି । ଏହି ଅନୁଷ୍ଠାନ ସମୂହ ଆଗାମୀ ଦିନରେ ଭୁବନେଶ୍ୱରକୁ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଣତ କରିବ । ଭୁବନେଶ୍ୱରରେ ଅନେକ ପ୍ରତିଭାବାନ ବ୍ୟକ୍ତିବିଶେଷ ଅଛନ୍ତି । ଯଥାର୍ଥରେ ଭୁବନେଶ୍ୱର ହେଉଛି ଜ୍ଞାନର ଏକ ସ୍ଥାୟୀ 'କୁମ୍ଭ' । ସେହି ପରିପ୍ରେକ୍ଷୀରେ ଏଠାରେ ପ୍ରତିଷ୍ଠିତ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟ ସମାଜିକ ଗବେଷଣାରେ ଜଡ଼ିତ ହୋଇ କଲ୍ୟାଣକାରୀ ଯୋଜନା ଗୁଡିକର ପ୍ରଭାବକୁ ଜାଣିବା ସହ ସାମାଜିକ ଜୀବନରେ ଉଭା ହେଉଥିବା ଆହ୍ୱାନଗୁଡ଼ିକୁ ଚିହ୍ନଟ କରିବା ଦରକାର । ନୂତନ ଉତ୍ସାହକୁ ପ୍ରେରଣା ଦେବା ଏବଂ ଓଡ଼ିଶା ଓ ଭାରତ ପାଇଁ ଅଧିକ ଗୌରବ ଆଣିବା ପାଇଁ ସାମାଜିକ ଗବେଷଣାରେ ନିୟୋଜିତ ହେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ମାଧ୍ୟମରେ ଶିକ୍ଷା, ଉଦ୍ଭାବନ ଏବଂ ଗବେଷଣା କ୍ଷେତ୍ରରେ ନୂତନ ମାନଦଣ୍ଡ ସୃଷ୍ଟି କରିବା ସହିତ ବିଶ୍ୱ କଲ୍ୟାଣକୁ ଆଗେଇ ନେବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକୁ ସମସ୍ତ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶୁକ୍ରବାର ଏହି ବିଶ୍ୱବିଦ୍ୟାଳୟର ଓଲଡ କ୍ୟାମ୍ପସ ପରିସରରେ ପ୍ରାୟ ୧୩୨ କୋଟି ଟଙ୍କା ବ୍ୟୟରେ ପ୍ରାୟ ୭ ଏକର ପରିମିତ ଜମିରେ ନିର୍ମିତ ଛାତ୍ରାବାସର ଉଦଘାଟନ କରିଛନ୍ତି । ଏହି ଛାତ୍ରାବାସରେ ୯୬୪ଟି ରୁମ୍, ବାସ୍କେଟ ବଲ୍ ଓ ବ୍ୟାଡମିଣ୍ଟନ କୋର୍ଟ, ଇନଡୋର ଏବଂ ଆଉଡୋର ଆକ୍ଟିଭିଟି ହଲ୍, ଜିମ୍, ଫୁଡକୋର୍ଟ ଏବଂ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ରହିଛି । ଏ ସମ୍ପର୍କରେ ଶିକ୍ଷା ମନ୍ତ୍ରୀ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ଏକ୍ସଆଇଏମବିର ଏକ ଭଲ ପରମ୍ପରା ରହିଛି । ଆଜି ଉଦଘାଟିତ ହୋଇଥିବା ଛାତ୍ରାବାସ ଅନୁଷ୍ଠାନର ସ୍ଥାୟୀ ପରମ୍ପରାକୁ ଆଗକୁ ବଢ଼ାଇବାରେ ସହାୟକ ହେବ । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ବୌଦ୍ଧ ଧର୍ମର ଉଦାହରଣ ସହ କଳିଙ୍ଗ ଯୁଦ୍ଧ ଏବଂ ଓଡ଼ିଶାରେ କିପରି ସେ ସମୟରେ ଗଣତନ୍ତ୍ର ଥିଲା, ତାହା ଉପରେ ଆଲୋକପାତ କରିଥିଲେ ।



## ରାଜସ୍ୱ ଆଦାୟ ସଂପର୍କରେ ସମୀକ୍ଷା ବୈଠକ

କେନ୍ଦ୍ରାପଡା ,୦୭/୩ (ନି.ପ୍ର): ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ଅଳ୍ପଦିନ ଥିବାବେଳେ ବାର୍ଷିକ ରାଜସ୍ୱ ଆଦାୟର ଲକ୍ଷ୍ୟ ପୁରଣ ପାଇଁ ଏକ ସମୀକ୍ଷା ବୈଠକ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ, ଜିଲ୍ଲା ଖଣି ଅଧିକାରୀ, ସୁପର ଭାଇଜର ପ୍ରମୁଖ ବୈଠକରେ ଅଂଶ ଗ୍ରହଣ କରି ରାଜସ୍ୱ ଆଦାୟର ଲକ୍ଷ୍ୟ ପୁରଣ ପାଇଁ ଆଲୋଚନାରେ ସକ୍ରୀୟ ଭାଗ ନେଇଥିଲେ । ଜିଲ୍ଲାରେ ଥିବା ସମସ୍ତ ବେଆଇନ ଇଟାଭାଟି ଗୁଡିକୁ ନଷ୍ଟ କରାଯିବା ସହ ଭାଟି କରିଥିବା ମାଲିକ ମାନଙ୍କ ଉପରେ ଫୌଜଦାରୀ ମାମଲା ଦାଏର କରାଯିବ ଓ ଜରିମାନା ଅଦାୟ କରାଯିବ ବୋଲି ନିଷ୍ପତି ନିଆଯାଇଛି । ସରକାରୀ ଯାଗାରୁ ବେଆଇନ ଭାବେ ମାଟି ତାଡୁଥିବା ଓ ବାଲି ସୈରାତ ରୁ ବେଆଇନ ଭାବେ ବାଲି ଉତୋଳନ କରି ଚାଲାଣ କରୁଥିବା ବ୍ୟକ୍ତି ମାନଙ୍କ ନାମରେ ମାମଲା ଦାଏର କରାଯିବା ସହ ବାଲି ଓ ମାଟି ପରିବହନ କରୁଥିବା ଯାନ ଗୁଡିକୁ ଜବତ କରାଯାଇ ଜରିମାନା ଆଦାୟ କରାଯିବ ।

# ବ୍ଲକ୍ ଛକରୁ ହଟା ଯାଇଥିବା ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ପୁଣି ସ୍ଥାପନ ପାଇଁ ଅନଶନ ଓ ଧାରଣା

ସୁବର୍ଣ୍ଣପୁର,୦୭/୩ (ନି.ପ୍ର): ସୁବର୍ଣ୍ଣପୁରର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ର ନେତୃତ୍ୱରେ ସୋନପୁର ବ୍ଲକ୍ ଛକ ରେ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତି ପୁଣି ସ୍ଥାପନ ପାଇଁ ଅନଶନ ଧାରଣା ଆରମ୍ଭ ହୋଇଛି । ୨୦୨୧ ମସିହା ଫେବୃଆରୀ ମାସ ୫ ରେ ରାସ୍ତା ସମ୍ପ୍ରସାରଣ ବେଳେ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତି ବ୍ଲକ୍ ଛକ ରୁ ହଟାଇ ଦିଆଯାଇଥିଲା। ଏହି ପ୍ରତିମୂର୍ତି ବ୍ଲକ୍ ଛକ ର ଶୋଭା ବର୍ଦ୍ଧନ କରୁଥିଲା ତା ସହ ସୋନପୁର ରେ ଭୀମଭୋଇ ଙ୍କ ଅବଦାନ ଲୋକଙ୍କ ମାନସ ପଟ ରେ ଉଜ୍ଜୀବିତ କରୁଥିଲା । ପ୍ରାୟ ଚାରି ବର୍ଷ ବିତିଯାଇଥିଲେ ମଧ ବ୍ଲକ୍ ଛକ ରେ ଭୀମଭୋଇଙ୍କ ପ୍ରତିମୂର୍ତି ସ୍ଥାପନ ନ ହେବାରୁ ଗଣ ଆନ୍ଦୋଳନ ରୂପ ନେବାକୁ ବସିଲାଣି । ଆଜିର ଏହି ଧାରଣା ରେ ପତଞ୍ଜଳି ଯୋଗ ସମିତି, ଜଗନ୍ନାଥ ମହୋତ୍ସବ କମିଟି, ଜୟଗୁରୁ ଅନୁଷ୍ଠାନ, ମାରୱାଡ଼ି ମହିଳା ମଂଚ, ନାଟ୍ୟଚକ୍ର, ମହାନଦୀ ସାହିତ୍ୟ ସଂସଦ, ଆର୍ଯ୍ୟ ସମାଜ, ଜିଲ୍ଲା ସାମ୍ବାଦିକ ସଂଘ, ଜିଲ୍ଲା ଓକିଲ ସଂଘ, ତପସ୍ୱିନୀ ଅନୁଷ୍ଠାନର ସଦସ୍ୟ ବୃନ୍ଦ ଏହି ଧାରଣାରେ ସାମିଲ ଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସଙ୍ଗଠନରୁ ମୀନା ମହରଣା, ଶ୍ୟାମା ଓଁ ପ୍ରସାଦ ମିଶ୍ର, ନାଟ୍ୟ ଶ୍ରୀ ଗଦାଧର ବାରିକ, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁନନ୍ଦା ସାହୁ, ମଞ୍ଜୁ ମିଶ୍ର, ଦିଲ୍ଲୀପ ରଥ, ବ୍ରଜ ମୋହନ ଦାନୀ, ଭଗବତୀ ରାୟଗୁରୁ, ବଳ ଦେବ ପ୍ରସାଦ ବେଦବାକ୍, ଆରତୀ ଖମାରୀ, ବାସନ୍ତୀ ପାତ୍ର, ପୁଷ୍ପା ମେହେର, କଳ୍ପନା ମେହେର, ଗୀତା ବହିଦାର, ବୈକୁଣ୍ଠ ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ। ସତ୍ୟ ମହିମାଧର୍ମ ଶାସିନୀ ମହାସଂଘ ଭୀମଭୋଇ ସମାଧି ପୀଠ ଖଲିଆପାଲି ସଭାପତି ଦୁର୍ଗା ଚରଣ କଳତା ଓ ସୋନପୁର ମହିମା ମଠ ସଭାପତି ଗୋପାଳ ବାଘ୍ ମଧ ଏହି ଅନଶନ ଓ ଧାରଣାରେ ବସିଥିଲେ। ଦୀର୍ଘ ବର୍ଷ ହେବ ଭୀମଭୋଇଙ୍କ ପ୍ରତିମୂର୍ତି ବ୍ଲକ୍ ଛକରୁ ସ୍ଥାନୀୟ ପ୍ରଶାସନ ହଟେଇ ଦେଇ ଅଳିଆ ଗଦା ରେ ରଖି ଦେଇଥିବା କହି କ୍ଷୋଭ ପ୍ରକାଶ କରିଛନ୍ତି ଓ ଯଥାଶୀଘ୍ର ବ୍ଲକ୍ ଛକ ରେ ଭୀମଭୋଇଙ୍କ ପ୍ରତିମୂର୍ତି ସ୍ଥାପନ ପାଇଁ ଗଣ ମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ସନ୍ଥକବି ଭୀମଭୋଇ ସ୍ମୃତି ଟ୍ରଷ୍ଟର ସଭାପତି ଗୋରେଖ ନାଥ ସାହୁ।

# ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳନ ଅବସରରେ ସୁଭଦ୍ରା ପଥପ୍ରାନ୍ତ ସଚେତନତା ସଭା

ସୁବର୍ଣ୍ଣପୁର,୦୭/୩ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାର ପଟା ଭାଡି ସ୍ଥିତ ଶ୍ରୀ ଲୋକନାଥ ଶୈବ ପୀଠ ଠାରେ ସୋନପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଷଷ୍ଠ ଦିନରେ ସୋନପୁର ବ୍ଲକ୍ ସ୍ତରୀୟ ଅନ୍ତର୍ଜାତୀୟ ମହିଳା ସପ୍ତାହ ପଥ ପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଛି କ୍ଷ ଏହି ଉପଲକ୍ଷେ ଏକ କ୍ଷୁଦ୍ର ନାଟିକା ପରିବେଷଣ କରାଯାଇଥିଲା । ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳୀ ରଣା, ନମିତା ମିଶ୍ର ଓ ଜ୍ୟୋତି ବେଉରାଙ୍କ ନାଟିକା ର ନିଖୁଣ ଅଭିନୟ ସଭାରେ ଉପସ୍ଥିତ ଶହ ଶହ କର୍ମୀ, ସୁଭଦ୍ରା ମା, ସ୍କୁଲ୍ ଛାତ୍ରୀ ଓ ଅତିଥି ମାନଙ୍କ ମନ କୁ ଛୁଇଁ ପାରିଥିଲା । ଶୁଭଦ୍ରା ମା ସୁଷମା ରଣାଙ୍କ ଅତିଥି ସ୍ୱାଗତ ସଂଗୀତ ଗୀତ ନାଚ ଅଭିନୟ, ଗୀତାଞ୍ଜଳୀ ସ୍ୱାଇଁ ଙ୍କ ପ୍ରାରମ୍ଭିକ ଶୁଭଦ୍ରା ଭଜନ ସଂଗୀତ, ବାଳ ଶ୍ରମ ଛାତ୍ରୀ ଓ ଶୁଭଦ୍ରା ହିତାଧିକାରୀ ଙ୍କ କୁନି ଝିଅ ମାନଙ୍କ ଦ୍ୱାରା ଆକର୍ଷଣୀୟ ଗୀତ ନାଚ ମନୋରଞ୍ଜନ କାର୍ଯ୍ୟକ୍ରମ ଜରିଆ ରେ ଆଜି ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୋନପୁର ସିଡିପିଓ ସାଗରିକା ସ୍ୱାଇଁ ମୁଖ୍ୟ ଅତିଥି ଓ ସୋନପୁର ଆଇ ସି ଡ଼ି ଏସ ସୁପର ଭାଇଜର ଶ୍ରୀମତୀ ସୁଷମା ମିଶ୍ର, ମିଶନ ଶକ୍ତି ବ୍ଲକ୍ କୋଡ଼ି ନେଟର ଅମିତ୍ କୁମାର ଡ଼ାଙ୍ଗ , ପୌର ପରିଷଦ ଅଙ୍ଗନ ୱାଡ଼ି ସୁପର୍ ଭାଇଜର ରୋଜି ସ୍ମିତା ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଶୁଭଦ୍ରା ମା ଓ ଅଙ୍ଗନ୍ ୱାଡି କର୍ମୀ ମାନଙ୍କୁ ଶୁଭଦ୍ରା ସଚେତନତା ବାର୍ତା ପ୍ରଦାନ କରି ଏ ସରକାର ଙ୍କ ଏ ମହିଳା ସଶକ୍ତି କରଣ ଯୋଜନା ରେ ସାମିଲ୍ ହୋଇ ଏହାର ଲାଭ ଉଠାଇବା ପାଇଁ ଓ ଏ ସହାୟତା ରେ ସମସ୍ତେ ସ୍ୱାବଲମ୍ବୀ ହେବାକୁ ପ୍ରେରଣା ଦେଇଥିଲେ।

## ସୁଭଦ୍ରା ଯୋଜନା ନେଇ ସଚେତନତା ଶୋଭାଯାତ୍ରା

ଜୟପୁର,୦୭/୩ (ନି.ପ୍ର): ସୁଭଦ୍ରା ଯୋଜନା ନେଇ ସଚେତନତା ଶୋଭାଯାତ୍ରା ଆଜି ସକାଳ ୯ଟାରେ ଅନୁଷ୍ଠିତ ହୋଇଛି । ଜୟପୁର ପୌରପାଳିକା ଓ ଆଇସିଡିଏସ ତରଫରୁ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଶୋଭାଯାତ୍ରାକୁ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉଦଘାଟନ କରିଥିଲେ । ସୁଭଦ୍ରା ଯୋଜନାରେ ସାମିଲ ହେବା ତଥା ଓଡିଶା ସମୃଦ୍ଧିର ମଙ୍ଗ ଧରିବା ଲକ୍ଷ୍ୟରେ ଏହି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ପୌରପାଳିକାର ପାର୍କିଂ ସ୍ଥଳରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଏଠାରେ ସିଡିପିଓ କାଚଂନ ପଣ୍ଡା, ପୌର କର୍ମଚାରି, ଅଙ୍ଗନବାଡୀ କର୍ମି ଉପସ୍ଥିତ ଥିଲେ ।

# ସେଲ୍ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀ ଏବଂ ପରିବାର ସଦସ୍ୟଙ୍କ ଦ୍ୱାରା ମହିଳା ଦିବସ ପ୍ରତିଯୋଗିତାରେ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ

ରାଉରକେଲା,୦୭/୩ (ନି.ପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ସେଲ୍, ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ବିବିଧ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ପ୍ରତିଯୋଗିତାଗୁଡିକ 'ସମସ୍ତ ମହିଳା ଏବଂ ବାଳିକାଙ୍କ ପାଇଁ: ଅଧିକାର, ସମାନତା ଓ ସଶକ୍ତିକରଣ' ବିଷୟବସ୍ତୁ ଉପରେ ଆଧାରିତ ଥିଲା ଏବଂ ଦଳଗତ କାର୍ଯ୍ୟ, ଅନ୍ତର୍ଭୁକ୍ତି ଏବଂ ସଶକ୍ତିକରଣକୁ ପ୍ରୋତ୍ସାହିତ କରିଥିଲା। ମାର୍ଚ୍ଚ ୩ ତାରିଖରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଦୁଇ ଜଣିଆ ଦଳଗୁଡିକ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳରେ ଅତି କମରେ ଜଣେ ମହିଳା ସଦସ୍ୟ ରହିବା ଅନିବାର୍ଯ୍ୟ ଥିଲା। ପ୍ରତିଯୋଗିତାରେ ପ୍ରାରମ୍ଭିକ ଏବଂ ଶେଷ ପର୍ଯ୍ୟାୟ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ମହିଳା ଅଧିକାର, ସମାନତା ଏବଂ ସଶକ୍ତିକରଣ ଉପରେ ଅଂଶଗ୍ରହଣକାରୀଙ୍କ ଜ୍ଞାନ ପରୀକ୍ଷା କରାଯାଇଥିଲା। ଏହାକୁ କୋକ ଓଭେନ ବିଭାଗର ଏଜିଏମ ଶ୍ରୀ ସମ୍ପଦ ମିଶ୍ର ଏବଂ ସିସିଡବ୍ଲୁ ବିଭାଗର ଏଜିଏମ ଶ୍ରୀମତୀ ଦିବ୍ୟା ଦାଶ ପରିଚାଳନା କରିଥିଲେ। ମାର୍ଚ୍ଚ ୪ ତାରିଖରେ କର୍ମଚାରୀମାନେ ଜଣେ ମହିଳା ସହକର୍ମୀ କିମ୍ବା ସେମାନଙ୍କ ସହଧର୍ମିଣୀଙ୍କ ସହିତ ଦଳ ଗଢି 'ଫନାଥନ୍' - ଡ୍ରପ୍ ଜୋନ୍, ମାର୍ବଲ୍ ମାନିଆ, ରିଚ୍ ଫର୍ ଦି ବକେଟ୍, ବେଲୁନ୍ ଷ୍ଟାକ୍ ଆଟାକ୍ ଏବଂ ବୁମ୍ ୱାକ୍ ଭଳି ରୋମାଞ୍ଚକର ଖେଳ ଉପରେ ଆଧାରିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ରୂପେ ଜିଏମ୍ (ଏଚ୍‌ଆର-ଏଲ୍ ଆଣ୍ଡ୍ ଡି) ସୁଶ୍ରୀ ଚୈତାଳି ଦାସ ଯୋଗ ଦେଇଥିଲେ। ଏଥିରେ ଅଂଶଗ୍ରହଣକାରୀ ମାନେ ଉଲ୍ଲେଖନୀୟ ଦଳଗତ କାର୍ଯ୍ୟ, ଚପଳତା, ଉତ୍ସାହ ଏବଂ ଶକ୍ତି ପ୍ରଦର୍ଶନ କରିଥିଲେ।

ଚଳିତ ବର୍ଷ ମାର୍ଚ୍ଚ ୫ ତାରିଖରେ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟାଗୁଡ଼ିକୁ ଉପସ୍ଥାପନ କରିବା ଏବଂ ଲିଙ୍ଗଗତ ସମାନତାର ଗୁରୁତ୍ୱକୁ ସୁଦୃଢ଼ କରିବା ପାଇଁ ୧୦ ମିନିଟର 'ନାଟକ ପ୍ରତିଯୋଗିତା' ମଧ ଆୟୋଜନ କରାଯାଇଥିଲା। ଏହି ଚାରୋଟି ଗୋଷ୍ଠୀରେ ୩ ରୁ ୫ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ବିଚାରକ ରୂପେ ଏଚ୍‌ଆର-ଏଲ୍ ଆଣ୍ଡ୍ ଡି ବିଭାଗର ସିଜିଏମ ଶ୍ରୀ ପି. କେ. ସାହୁ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ଶ୍ରୀମତୀ ଆଶା କାର୍ଥା, ଏବଂ ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାରମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥୀ ଯୋଗଦେଇଥିଲେ। ଉଲ୍ଲେଖନୀୟ ଯେ, ବିଜେତା ଦଳ ସେଲ୍ ସ୍ତରୀୟ ନାଟକ ପ୍ରତିଯୋଗିତାରେ ଆରଏସପିର ପ୍ରତିନିଧିତ୍ୱ କରିବ।



# ନିରୁଦ୍ଦିଷ୍ଟ ରୋହିତଙ୍କ ଗଳିତ ଶବ ୧୫ ଦିନ ପରେ କୋଟସମଲେଇ ପାହାଡ଼ରୁ ଉଦ୍ଧାର

ସୁବର୍ଣ୍ଣପୁର,୦୭/୩ (ନି.ପ୍ର): ନିରୁଦ୍ଦିଷ୍ଟ ହେବାର ଦୀର୍ଘ ୧୫ ଦିନ ପରେ ସୋନପୁର ଘୋଡାଘାଟପଡ଼ାର ରୋହିତ ନାଏକ (୨୩) ଙ୍କ ଗଳିତ ଶବ ଆଜି ପାତାଳୀ ଶ୍ରୀକ୍ଷେତ୍ର ସ୍ଥିତ କୋଟସମଲେଇ ପାହାଡ଼ ଉପର ସେଲ୍ଫି ପଏଣ୍ଟ ଜାଗା ର ୬୦୦ ଫୁଟ ତଳୁ ଉଦ୍ଧାର କରାଯାଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଉଛି। କିଏ ତାଙ୍କୁ ହତ୍ୟା କରି ପାହାଡ଼ରେ ପକାଇ ଦେଇଛି ନା ସେ ନିଜେ ପାହାଡରୁ ଖସି ପଡ଼ି ମୃତ୍ୟୁବରଣ କରିଛନ୍ତି ତାହା ଏବେବି ଅସ୍ପଷ୍ଟ ରହିଛି। ଗତକାଲି ପାହାଡ଼ ପଟରୁ ଦୁର୍ଗନ୍ଧ ବାହାରୁଥିବା ବିଷୟ ସମ୍ପର୍କୀୟ ଲୋକେ ଖୋଜା ଖୋଜି କଲା ବେଳେ ଜାଣିବା ପରେ ବିରମହାରାଜପୁର ପୁଲିସ ଉପସ୍ଥିତିରେ ପାହାଡ଼ରୁ ଶବ ବାହାର କରାଗଲା । ପରେ ଶବ ବ୍ୟବଚ୍ଛେଦ ପାଇଁ ସୋନପୁରକୁ ଅଣାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଯେ, ରୋହିତ ୧୫ ଦିନ ତଳେ ଘରୁ କୁଆଡେ ପଳେଇଥିବା ବେଳେ ଖୋଜାଖୋଜି ପରେ ସେ ନେଇଥିବା ସ୍କୁଟି ଟି ପାତାଳୀ ଶ୍ରୀକ୍ଷେତ୍ର ଠାରେ ପରଦିନ ମିଳିଥିଲା ବେଳେ ଫୋନଟି ପୋଲିସ ପକ୍ଷରୁ ଟ୍ରାକିଂ କରି ଯୁଯୁମୁରା ଅଂଚଳରେ ସ୍ୱିଚ୍ ଅଫ ହୋଇଥିବା ଜଣାପଡିଥିଲା। ସେପଟେ ଜଙ୍ଗଲ ବିଭାଗ ଓ ପୋଲିସ ପକ୍ଷରୁ ଡ୍ରୋନ କ୍ୟାମେରା ସହ ବହୁ ଖୋଜାଖୋଜି ପରେ ମଧ୍ୟ ମିଳି ନ ଥିଲେ ରୋହିତ ।

# ତିନୋଟି ୱାର୍ଡରେ ସୁଭଦ୍ରା ଯୋଜନା ସଚେତନତା ପଥପ୍ରାନ୍ତ ସଭା

ସମ୍ବଲପୁର,୦୭/୩ (ନି.ପ୍ର): ସମ୍ବଲପୁର ସହରାଂଚଳ ସମନ୍ୱିତ ଶିଶୁ ବିକାଶ ଯୋଜନା, ସମ୍ବଲପୁର ଆନୁକୂଲ୍ୟରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ତିନୋଟି ୱାର୍ଡ ଯଥା ୱାର୍ଡ ନଂ ୧୬,୧୯ ଓ ୨୬ରେ ସୁଭଦ୍ରା ଯୋଜନା ଅନ୍ତର୍ଗତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟକ ସୁଭଦ୍ରା ହିତାଧିକାରୀ ମହିଳା ଯୋଗଦାନ କରିଥିଲେ। କୁଷ୍ଠା ପଡ଼ାର ଦଧିବାମନ କଲ୍ୟାଣ ମଣ୍ଡପ, ଗୋପଲମାଲ ରାଧାକୃଷ୍ଣ ମନ୍ଦିର ମଣ୍ଡପ ତଥା ଝାଟୁଆ ପଡ଼ା ଠାରେ ଆୟୋଜିତ ସଭାରେ ୱାର୍ଡ ର ବିଶିଷ୍ଟ ମହିଳା ମଂଚାସୀନ ଥିଲେ। ସେକ୍ଟର ସୁପରଭାଇଜର ସାଧନା ସିଂ, ଲିସି ପଟେଲ ତଥା ସୁରେନ୍ଦ୍ର ନାୟକ କାର୍ଯ୍ୟକ୍ରମ ଗୁଡ଼ିକ ପରିଚାଳନା କରିଥିଲେ। କୁଷ୍ଟପଡ଼ାରେ ଅନୁଷ୍ଠିତ ପଥ ପ୍ରାନ୍ତ ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ ଏବଂ ଗୋପାଲମାଲ ଠାରେ ସିଡ଼ିପିଓ ମିନତୀ ପାଣିଗ୍ରାହୀ ଯୋଗଦାନ କରିଥିଲେ। ଉକ୍ତ ସଭାରେ ସୁଭଦ୍ରା ଯୋଜନା ଉପରେ ବିସ୍ତୃତ ଆଲୋଚନ କରାଯାଇଥିଲା।

GOVERNMENT OF ODISHA, DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER, MECHANICAL DIVISION,
HIRAKUD-768016, DIST.SAMBALPUR
E-mail: eesmd_hkd@yahoo.com

Tender Call Notice (Bid Identification No-SE/MDH/11/2024-25 dt.01.03.2025

| | |
|---|---|
| 1. Name of the Work | : Manufacturing, Supply and Erection & Repair of Hydraulic Gates of different Check Dams/MIPs |
| 2. No. of Works | : 17(Seventeen) |
| 3. Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro Mechanical Gates. |
| 4. Bid Identification No. | : SE/MDH-11/2024-25 dt.01.03.2025 |
| 5. Estimated Cost | : Varies from Rs.1.34Lakh to 4.98Lakh (Excluding GST) |
| 6. Period of Completion of work | : One Calendar Month each work |
| 7. Date & time available for sale of Bid Documents in the O/o the undersigned | : From dt.11.03.2025 (10.30 AM) to dt.18.03.2025 (05.30 PM) |
| 8. Last date/ time for receipt of Bid Document in the O/o undersigned | : dt.18.03.2025 (up to 05.30 PM) |
| 9. Date and Place of opening of Bid in the O/o the undersigned) | : dt.19.03.2025 (10.30 AM onwards) |
| 10. Name of the Officer inviting the Bid | : Superintending Engineer, Mechanical Division, Hirakud |

Further details can be seen in the office of the Superintending Engineer, Mechanical Division, Hirakud during office hours.

SUPERINTENDING ENGINEER (M)
MECHANICAL DIVISION, HIRAKUD

OIPR: 32444/11/0015/2425

# ବଲ୍ଲଦା ବକ୍ସାଇଟ୍ ଖଣି ପ୍ରକଳ୍ପ ପାଇଁ ସଫଳତାର ସହ ଜନଶୁଣାଣି ଅନୁଷ୍ଠିତ

ଜୟପୁର,୦୭/୩ (ନି.ପ୍ର): ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଆୟୋଜିତ ବଲ୍ଲଦା ବକ୍ସାଇଟ୍ ଖଣି ପାଇଁ ଜନ ଶୁଣାଣୀ ଗୁରୁବାର ଦିନ ସଫଳତାର ସହିତ ଅନୁଷ୍ଠିତ ହୋଇଛି । କଳିଙ୍ଗ ଆଲୁମିନା ଲିମିଟେଡ୍‌କୁ ଓଡିଶାର କୋରାପୁଟ ଜିଲ୍ଲାରେ ୧୪୪.୯୪୫ ହେକ୍ଟର୍ ଅଂଚଳରେ ବ୍ୟାପ୍ତ ବଲ୍ଲଦା ବକ୍ସାଇଟ୍ ଖଣି ଆବଂଟନ କରାଯାଇଛି । ଏହି ପ୍ରକଳ୍ପରେ ବକ୍ସାଇଟ୍ ଖନନ ପାଇଁ ଓପନ କାଷ୍ଟ ପଦ୍ଧତି ବ୍ୟବହାର କରାଯିବ ଯାହାର କ୍ଷମତା ବାର୍ଷିକ ୪ ମିଲିୟନ୍ ଟନ୍ (ଏମଟିପିଏ) ଏବଂ ପିଟ୍ ହେଡ୍ (ଖାଦାନ ମୁଣ୍ଡରେ) ଘଂଟା ପ୍ରତି ୮୦୦ ଟନ୍ (ଟିପିଏଚ୍)ର କ୍ରସ/ସ୍କ୍ରିନିଂ ପ୍ଲାଂଟ୍ ରହିବ । ନନ୍ଦପୁର ତହସିଲର ପାର୍ଶ୍ୱବର୍ତୀ ଭେଜ, ବଲ୍ଲଦା, ବଡେଲ, ଅତଣ୍ଡା, ଏବଂ କୁଲାବୀର ଗ୍ରାମପଂଚାୟତର ହଜାର ହଜାର ଗ୍ରାମବାସୀ ଏହି ଜନଶୁଣାଣୀରେ ଯୋଗ ଦେଇଥିଲେ । ଜନ ଶୁଣାଣୀ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇ ପ୍ରାୟ ଅପରାହ୍ନ ୨ଟାରେ ଶେଷ ହୋଇଥିଲା । ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କୋରାପୁଟ ଅଂଚଳ ଅଧିକାରୀ ଦୀପେଶ୍ ବିଶ୍ୱାଳ ଏବଂ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ଆଲୋମଣି ସେଠୀ ଏହି ସଭାକୁ ସଭାପତିତ୍ୱ କରିଥିଲେ । ସଭାରେ ଗ୍ରାମବାସୀମାନେ ପରିବେଶ ଉପରେ ପ୍ରଭାବ, ଅଂଚଳର ବିକାଶ, ନିଯୁକ୍ତି ସୃଷ୍ଟି, ଏବଂ ସ୍ୱରୋଜଗାର ସୁଯୋଗ ବିଷୟରେ ଆଲୋଚନା କରିଥିଲେ । ଅଧିକାରୀମାନେ ସେମାନଙ୍କର ମତାମତ ଗ୍ରହଣ କରି ପ୍ରକଳ୍ପର ସମ୍ଭାବ୍ୟ ବିକାଶ ଏବଂ ନିଯୁକ୍ତି ସୁଯୋଗ ବିଷୟରେ ପ୍ରଶ୍ନଗୁଡ଼ିକର ସମାଧାନ କରିଥିଲେ । କଳିଙ୍ଗ ଆଲୁମିନା ଅଧିକାରୀ ବଲ୍ଲଦା ପ୍ରକଳ୍ପ ଏବଂ ଅଂଚଳ ପାଇଁ ଏହାର ଉଲ୍ଲେଖନୀୟ ଲାଭ ବିଷୟରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସେ ସମସ୍ତ ଗ୍ରାମବାସୀ, ପ୍ରଶାସନିକ ଅଧିକାରୀ, ଅଂଶୀଦାର ଏବଂ ଜନସାଧାରଣଙ୍କୁ ଆୟୋଜନ କରାଯାଇଥିବା ଜନ ଶୁଣାଣୀରେ ଯୋଗଦେଇଥିବାରୁ କୃତଜ୍ଞତା ଜଣାଇଥିଲେ । ଏହି ପ୍ରସ୍ତାବିତ ପ୍ରକଳ୍ପ ରାଜ୍ୟର ବିକାଶ ଆବଶ୍ୟକତାକୁ ପୂରଣ କରିବା ସହିତ ଦେଶର ବକ୍ସାଇଟ୍ ଆବଶ୍ୟକତାକୁ ମଧ ପୂରଣ କରିବ । ଏହା ନିଯୁକ୍ତି ସୃଷ୍ଟି ଏବଂ 'ମେକ୍ ଇନ୍ ଇଣ୍ଡିଆ୦୭୩୯;କୁ ପ୍ରୋତ୍ସାହନ ଦେଇ ରାଜ୍ୟ ସରକାରଙ୍କ ବିକାଶ ସୂଚକାଙ୍କକୁ ଉନ୍ନତ କରିବାରେ ସହାୟକ ହେବ । ଏହା ଛଡ଼ା, ଖନନରୁ ଅର୍ଜିତ ରାଜସ୍ୱ ରାଜ୍ୟ ସରକାରଙ୍କ ଦ୍ୱାରା ଆହୁରି ବିକାଶମୂଳକ ପଦକ୍ଷେପରେ ବିନିଯୋଗ କରାଯିବ । ଏହି ପ୍ରକଳ୍ପ ରାଜ୍ୟର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବ । ପ୍ରସ୍ତାବିତ ଖଣିରୁ ପ୍ରାୟ ୩୦୦-୪୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଯାହା କୁଶଳୀ ଏବଂ ଅଣ କୁଶଳୀ ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ହେବ । ଏହି ପ୍ରକଳ୍ପ ବିଭିନ୍ନ ଖନନ କାର୍ଯ୍ୟାକଳାପ ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ଦେବା ଉପରେ ଗୁରୁତ୍ୱ ଦେଉଛି । ଏଥିରେ ମହିଳାଙ୍କୁ ସାମିଲ କରି ଅନୁସୂଚିତ ଜନଜାତି ପରିବାରମାନଙ୍କୁ ରୋଜଗାର ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ, ଯାହା ସ୍ଥାନୀୟ ଲୋକଙ୍କର ସାମାଜିକ-ଆର୍ଥିକ ସ୍ଥିତିକୁ ଉନ୍ନତ କରିବ । ଖନନ କାର୍ଯ୍ୟ ରୋଜଗାର ସୃଷ୍ଟି, ମୁଣ୍ଡପିଛା ଆୟ ବୃଦ୍ଧି, ଏବଂ ଆବାସ, ଶିକ୍ଷା, ଚିକିତ୍ସା, ପରିବହନ, ଏବଂ କୃଷି ସୁବିଧା ଉନ୍ନତି ଦ୍ୱାରା ଅଂଚଳର ସାମାଜିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ଉପରେ ସକାରାତ୍ମକ ପ୍ରଭାବ ପକାଇବ ।

## ମିଲେଟ୍ କେଫେ ଉଦ୍‌ଘାଟିତ

ଜୟପୁର,୦୭/୩ (ନି.ପ୍ର): ଜୟପୁର ପୌରପାଳିକା ସମ୍ମୁଖରେ ମିଲେଟ୍ କେଫେ ଆଜି ଉଦଘାଟନ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି । ୧୨ ଲକ୍ଷ ୫୦ ହଜାର ଟଙ୍କା ବିନିମୟରେ ନିର୍ମାଣ ହୋଇଛି । ଏହା ଦ୍ୱାରା କୋରାପୁଟ ଜିଲା ମାଣ୍ଡିଆ ଜାତୀୟ ଖାଦ୍ୟର ପ୍ରସାର ହୋଇ ପାରିବ । ମାଣ୍ଡିଆ କେକ, ପୋଡ ପିଠା, ଲସି, ମାଣ୍ଡିଆ ଚା ଆଦି ବିକ୍ରୟ କରାଯିବ । ସମ୍ମାନିତ ଅତିଥି ଭାବେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପ ଜିଲାପାଳ ତଥା ପୌର କାର୍ଯ୍ୟନିବହୀ ଅଧିକାରି ଆକା ବରମ ଶଶ୍ୟା ରେଡ୍ଡି,ସିଡିପିଓ କାଂଚନ ପଣ୍ଡା, ପୌର ଅତିରିକ୍ତ କାର୍ଯ୍ୟ ନିର୍ବାହି ଅଧିକାରି କୃତିବାସ ସାହୁ, କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ, ପ୍ରତାପ ଆଚାର୍ଯ୍ୟ, ଚୈତନ୍ୟ ବାସକି, କାଉନସିଲର ଉପସ୍ଥିତ ଥିଲେ ।

# ସରକାରୀ ଉଚ୍ଚ ବିଦ୍ୟାଳୟ କୋଲାବନଗରର ବାର୍ଷିକ ଉତ୍ସବ

ଜୟପୁର,୦୭/୩ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ କୋଲାବନଗର ଦ୍ୱାରା ଆୟୋଜିତ ଆମ ସଂସ୍କୃତି ଆମ ଖେଳଣା ଏବଂ ବାର୍ଷିକ ଉତ୍ସବ ଆଜି ଉଦଘାଟିତ ହୋଇଛି । ଅତିଥି ମକ୍ ତାର ସିଂ, ରଦ୍‌ମା ଖିଲ, ଦମୟନ୍ତୀ ମହାରଣା, ସୂର୍ଯ୍ୟ ନାରାୟଣ ବେହେରା, ତ୍ରିନାଥ ନାୟକ, ରଘୁନାଥ ଖିଲ ଏବଂ କୀଉଚନ୍ଦ୍ର ବାରିକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନଶିକ୍ଷୟତ୍ରୀ ଶ୍ୱେତାଲିନା ପ୍ରଧାନ ଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଜ୍ଞାନ ବିଭାଗରୁ ୪୧ଟି ପ୍ରକଳ୍ପ, ଗଣିତ ବିଭାଗରୁ ୩୪ଟି ପ୍ରକଳ୍ପ, ସାହିତ୍ୟ ସୃଜନୀ ବିଭାଗରୁ ୩୭ଟି ପ୍ରକଳ୍ପ ଏବଂ ହସ୍ତଶିଳ୍ପ ବିଭାଗରୁ ୩୦ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ରଙ୍ଗମଂଚୀୟ କାର୍ଯ୍ୟକ୍ରମ ତଥା ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯିବା ସହ ସମସ୍ତ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଦେବାଶିଷ ପ୍ରଧାନ, ଅରୁଣ କୁମାର ସ୍ୱାଇଁ, ସୁଜିତ କୁମାର ଜେନା, ଅନୁରାଗ ମିଶ୍ର ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

# ନାରୀ ଶକ୍ତିମୟୀ

## ପଣ୍ଡିତ ଦୈତ୍ୟାରି ମହାପାତ୍ର

"ନାରୀ ଶକ୍ତିମୟୀ, ପ୍ରଳୟକାରୀ ଯେ
ନାରୀ ବିଭୂ ପ୍ରଦାୟିନୀ,
ଯେ ଗଢି ଶିଖିଛି ସୁନ୍ଦର ସଂସାର
ସେ ନାରୀ ଅଟେ ଜନନୀ।
ସତୀତ୍ୱ ବଳରେ, ସର୍ବ ଜିଣିପାରେ
ଆନକୁ କରି ନିଜର
ଜାତୀୟ ସଂହତି, ଗଢିପାରେ ମାତା
ଏପରି ଶକ୍ତି ନାରୀର।"

ନାରୀ ତାର ସତୀତ୍ୱ ବଳରେ ସର୍ବ ଜିଣିପାରେ ଓ ନିଜେ ସମାଜକୁ ରକ୍ଷା କରିପାରେ। ପୁରାଣରେ ବର୍ଣ୍ଣିତ ଅଛି- ନାରୀ ଶକ୍ତିର ଅନ୍ୟ ନାମ ହେଉଛି ତା'ର "ସତୀତ୍ୱ"। ଅନ୍ୟାୟ, ଅନୀତି, ଅତ୍ୟାଚାର, ପାପ, ଦ୍ୱେଷ ଇତ୍ୟାଦିକୁ ଧ୍ୱଂସ କରି ସେ ତାର ଶକ୍ତି ବଳରେ ଏକତା, ସଦ୍‌ଭାବ, ପ୍ରେମ, ଅହିଂସା, ଧର୍ମ ଇତ୍ୟାଦି ମାନବ ସଭ୍ୟତାରେ ଜାଗ୍ରତ କରିପାରେ। ଯେଉଁଭଳି "ମା' ଦୁର୍ଗା" ନିଜର ଶକ୍ତି ବଳରେ ମହିଷାସୁରକୁ ଦମନ କରି ପାରିଥିଲେ, ଏହା କେବଳ ସମ୍ଭବ ହୋଇଥିଲା ନିଜର ଶକ୍ତି ଓ ପରାକାଷ୍ଠା ବଳରେ। ଯଦି ମାନବ ସଭ୍ୟତାରେ ପ୍ରତ୍ୟେକ ନାରୀ ସତୀତ୍ୱ ବଳରେ ନିଜର ଶକ୍ତି ପ୍ରଦାନ କରନ୍ତି ତେବେ ରାକ୍ଷସମାନେ ଦମନ ହୋଇ ପାରିବେ। ନାରୀର ଶକ୍ତି ହେଉଛି ଏକ ପକ୍ଷରେ ପାହାଡ଼ ଠାରୁ ଅଧିକ ବଜ୍ର, ଅପର ପକ୍ଷରେ ସମୁଦ୍ରର ଜଳଠାରୁ ଅଧିକ ତରଳ। ଦିବ୍ୟ ଚେତନା, ଦିବ୍ୟ ଭାବ, ଧର୍ମ, ସାଧୁତା କେବଳ ନାରୀଠାରୁ ଜାଗ୍ରତ ହୋଇଥାଏ।



ନାରୀ ଦ୍ୱାରା ହିଁ ସମାଜର ଉନ୍ନତି :

"ମା' ମମତାମୟୀ, ଜଗତ ଜନନୀ
ମା' ସବୁ ତୁମ୍ଭ କରୁଣା।
ତବ ଇଚ୍ଛା ବଳେ, ଏ ଭବ ସଂସାର
ହୋଇପାରେ ମା' ଭରଣା ॥
ତୋ ଦିବ୍ୟ ନେତ୍ରକୁ, ଥରେ ଖୋଲି ଦେଲେ
ହସି ଉଠିବ ଜଗତ।
ତୋ ବାହୁ ବଳରେ, ସତ୍ୟତା ମଧରେ
ଭବ ହେବ ପୁଲ୍ଲକିତ ॥ "

"ନାରୀ ସୃଷ୍ଟି କରିପାରେ, ଧ୍ୱଂସ ବି କରିପାରେ। ଗଢିପାରେ, ଭାଙ୍ଗି ବି ପାରେ।" ଉଚ୍ଚକୁ ଟେକିପାରେ ତଳକୁ ମଧ ଠେଲିଦେଇ ପାରେ। ଆନନ୍ଦର ଢ଼େଉ ଖେଳାଇପାରେ, ବିଷାଦର ଛାୟା ମଧ ବିସ୍ତାର କରିପାରେ।" ନାରୀ ହେଉଛି ଉଦାରମୟୀ, ଭାବମୟୀ, ଇଚ୍ଛାମୟୀ, ପ୍ରେମମୟୀ କଲ୍ୟାଣକାରୀ। ନାରୀର ଇଚ୍ଛାରେ ସୃଷ୍ଟି ହେଲା ଏ ସଂସାର ଏବଂ ତାର ଇଚ୍ଛାରେ ମଧ ସମଗ୍ର ଧରା ପୁଲ୍ଲକିତ ହୋଇଉଠିଲା। ସେ ଯଦି ଚାହିଁବ ମୁହୂର୍ତ୍ତକ ମଧରେ ଏ ସମାଜକୁ ଧ୍ୱଂସ କରିଦେଇ ପାରିବ। ତାର ସତୀତ୍ୱ ବଳରେ ସମାଜକୁ ଧ୍ୱଂସ କରି ନିଜେ ମଧ ଆତ୍ମଗୋପନ କରିପାରେ। ତାହାଦ୍ୱାରା ଅସମ୍ଭବ ସମ୍ଭବ ହୋଇପାରେ। ନାରୀ ଦ୍ୱାରା ସମାଜରେ ସତ୍ୟ, ଶକ୍ତି, ପ୍ରେମ, ଉଦାରତା ଜାଗ୍ରତ ହୋଇପାରିବ। ପ୍ରତ୍ୟେକ ନାରୀକୁଳ ଏ ମାନବ ସଭ୍ୟତାରେ ରହି ଯଦି ନିଜର ଶକ୍ତିକୁ ସତ୍‌ମାର୍ଗରେ ପ୍ରଦାନ କରି ପାରନ୍ତି ତେବେ ସମାଜ ନିଶ୍ଚିତ ଉନ୍ନତ ହେବ। ତେଣୁ କଥାରେ ଅଛି "ନାରୀ ଜାଗିଲେ ଦେଶ ଜାଗିବ।" "ଦେଶର ଭବିଷ୍ୟତ ନାରୀର ହାତ ମୁଠାରେ ଓ ପଞ୍ଜରାବଦ୍ଧ ହୃଦୟର ଋବିଦିଆ କୋଠରୀ ମଧରେ।" ଆଜି ସମାଜରେ ଡାଉରୀ ପ୍ରଥା, ହିଂସା, ଅରାଜକତା, ଅସହିଷ୍ଣୁତା ଯଦି ଧୀରେ ଧୀରେ ବୃଦ୍ଧି ପାଇଥାଏ ତାହା କେବଳ ନାରୀ ଦ୍ୱାରା ହିଁ ସମ୍ପୂର୍ଣ୍ଣ ଭାବରେ ଲୀନ ହୋଇ ଏକ ପ୍ରଫୁଲ୍ଲିତ ସମାଜରେ ପରିଣତ ହୋଇପାରିବ। ନାରୀ ହେଉଛି ଜଗତ ଜନନୀ, ଅର୍ଥାତ୍ ଜଗତର ମା', ସେ ମାତା ରୂପରେ ଜଗତକୁ ଆଦର କରି ସ୍ନେହ ଦେଇପାରେ, ପାଳନ କରିପାରେ, ଆବଶ୍ୟକସ୍ଥଳେ ଚଣ୍ଡି, ଚାମଣ୍ଡା, କାଳିକା ରୂପ ଧରି ଧ୍ୱଂସ ବି କରିପାରେ। ତେଣୁ ମୋଟରେ କହିବାକୁ ଗଲେ ନାରୀଦ୍ୱାରା ହିଁ ସମାଜରେ ଉନ୍ନତି ହୋଇପାରିବ। ସମାଜ ଗଠନ - ଉନ୍ନତି - ବିକାଶ ଓ ସୃଷ୍ଟିର ମୂଳ କାରଣ ହେଉଛି ନାରୀ।

ବର୍ତ୍ତମାନ ସମାଜରେ ନାରୀର ଅବସ୍ଥିତି:

"କାହିଁଗଲେ ଜଗଦ୍ଧାତ୍ରୀ, କାହିଁ ଦେବୀ
ସୀତା।
କାହିଁ ଗଲେ ଅନ୍ନପୂର୍ଣ୍ଣା, କାହିଁ ପବିତ୍ରତା ॥
ନାରୀ ନାମେ ଋଲିଅଛି, ଅନ୍ୟାୟ ଅନିତି।
ନାରୀ ଲାଗି ସମାଜ ଯେ, ଧରେ ସ୍ମରମୂର୍ତ୍ତି ॥
ନାରୀକୁ ସଜାଇ ନର, ସର୍ବ କ୍ରୟ କଲା।
ସତୀତ୍ୱକୁ ବିକ୍ରିକରି, ସକଳ ହାରିଲା ॥
କାହିଁଗଲା ନାରୀ ଶକ୍ତି, ଉଲଗ୍ନ ହୋଇଣ।
ଦଶଦିଗେ ପାଉଅଛି, ସକଳ କଷଣ ॥"

ଦିନଥିଲା ଏ ସମାଜରେ ନାରୀ ତାର ସତୀତ୍ୱ ବଳରେ ସମଗ୍ର ବିଶ୍ୱରେ ନିଜର ରୂପ, ନିଜର ଶକ୍ତି ପ୍ରଦର୍ଶନ କରାଇ ରାକ୍ଷସମାନଙ୍କୁ ଦମନ କରି ପାରୁଥିଲା। ଯିଏ ଦିନେ ଦମନ କରି ପାରୁଥିଲା ସେ ଆଜି ଦଳିତ ହେଉଛି। ନାରୀର ଶକ୍ତି ଓ ବୈଭବ ହାଟ ଘାଟରେ ବିକ୍ରି ହୋଇପାରୁଛି। ଅନ୍ୟାୟ, ଅନୀତି, ହିଂସା, ଗ୍ଲାନି ବୃଦ୍ଧି ପାଉଛି। ଏହା କେବଳ ସମ୍ଭବ ହୋଇପାରିଛି ନାରୀ ଶକ୍ତିର ଅପାରଙ୍ଗମତା ଯୋଗୁଁ। ସକଳ ଶକ୍ତିର ଅଧିକାରୀ ନାରୀ ସବୁଥିରୁ ଅଧିକାରିଣୀ ହୋଇଥିଲେ ହେଁ ବର୍ତ୍ତମାନ ତାର ଶକ୍ତି କାହିଁ। ଯେଉଁ ଦିନଠାରୁ ତାର ସତୀତ୍ୱ, ବୀରତ୍ୱ, ପ୍ରଚ୍ଛଦପଟ୍ଟରେ ସିନେମା ଗୃହର କାନ୍ଥରେ, ରାସ୍ତାଘାଟରେ ଲିପିବଦ୍ଧ ହେଲାଣି ସେହି ଦିନଠାରୁ ଏ ଆଧୁନିକ ସଭ୍ୟତା ଧୀରେ ଧୀରେ ବହୁ ଅନ୍ୟାୟ ଆଡ଼କୁ ଗତି କରୁଛି। ଆମେ ଯଦି ଆମର ଦିବ୍ୟଚକ୍ଷୁ ଖୋଲି ଚାହିଁବା କେବଳ ଆଖି ବୁଜିବା ହିଁ ସାର ହେବ। ଯେତେଦିନ ପର୍ଯ୍ୟନ୍ତ ନାରୀତ୍ୱ ଜାଗି ଉଠିନାହିଁ ସେତେଦିନ ପର୍ଯ୍ୟନ୍ତ ସମାଜ ଉନ୍ନତି ଅସମ୍ଭବ। ନାରୀ ବ୍ରହ୍ମା, ନାରୀ ବିଷ୍ଣୁ, ନାରୀ ମହେଶ୍ୱର। ଶକ୍ତିମୟୀ ନାରୀ ଲାଗି ଅଟେ ଏ ସଂସାର ॥

ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ତଥା
ଓଡ଼ିଆ ଭାଷା ସାହିତ୍ୟ ଗବେଷକ,ଭଦ୍ରକ
ମୋ-୮୭୬୩୫୪୮୨୦୨

# ସଶକ୍ତ ମହିଳା, ସଶକ୍ତ ମାନବିକତା

## ଅନାମିକା ଦାସ



ଆମେ କୌଣସି ବି ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ ବ୍ୟକ୍ତି ବିଶେଷ ବା ଘଟଣାକୁ ମନେ ପକେଇ, ଆମ ଭବିଷ୍ୟତ ପିଢ଼ି ପାଇଁ ପଥ ପ୍ରଶସ୍ତ କରିବା ।

ଆନ୍ତର୍ଜାତୀୟ ମହିଳା ଦିବସ କେବଳ ଏକ ଉତ୍ସବ ନୁହେଁ ଏହା କାର୍ଯ୍ୟ କରିବାର ଆହ୍ୱାନ। ଏହା ସ୍ମରଣକାରୀ ଯେ ପ୍ରଗତି ସତ୍ତ୍ୱେ ମହିଳା ଏବଂ ଝିଅମାନେ ଭେଦଭାବ, ହିଂସା ଏବଂ ଅସମାନତାର ସମ୍ମୁଖୀନ ଆଜି ବି ହେଉଛନ୍ତି। ଏହା ଏକ ସନ୍ତୁଳିତ, ସୁସ୍ଥ ସମାଜ ଗଠନରେ ବିରାଟ ବାଧା ସୃଷ୍ଟିକାରୀ । ମଣିଷଟିଏ ଚାଲିବା କି ଦୌଡିବା ଲାଗି ତା'ର ଦୁଇଗୋଡ ଭିତରେ ଉଚିତ୍ ସମନ୍ୱୟ ରହିବା ଜରୁରୀ ନଚେତ୍ ମଣିଷ ଛୋଟେଇବା, ପଡିଯିବାର ଭୟ ଥାଏ, ସେହିପରି ଏକ ସୁସ୍ଥ, ସମୃଦ୍ଧ ସମାଜ ଲାଗି ମହିଳା ପୁରୁଷ ଏବଂ ତୃତୀୟ ଲିଙ୍ଗିଙ୍କର ବୁଝାମଣା, ସହଯୋଗ ନିହାତି ଜରୁରୀ ।

ଆଜିର ଦିନ କେବଳ ପାଳନର ଦିନ ନୁହେଁ, ଏହା ଆତ୍ମ ସମୀକ୍ଷା, ବାଧା ଭାଙ୍ଗିବା, ରୀତିବାଦୀ ଧାରଣାକୁ ଭାଙ୍ଗିବାର ଦିବସ । ଏହା ନିଜର ଅଧିକାର ଜାଣିବା, ଅନ୍ୟକୁ ସଚେତନ କରିବାର ଦିବସ, ବିଭିନ୍ନ କ୍ଷେତ୍ର, କ୍ଷମତା ଏବଂ ପୃଷ୍ଠଭୂମିରେ ମହିଳାଙ୍କ ଅବଦାନକୁ ସ୍ୱୀକୃତି ଦେବା ଏବଂ ତାଙ୍କୁ ଉଦାହରଣ ଭାବେ ନେଇ ଆଗକୁ ବଢ଼ିବାର ସଂକଳ୍ପ ନେବାର ସମୟ । ମାର୍ଚ୍ଚ ୮ ତାରିଖରେ ପୁରସ୍କୃତ ହୋଇ ବା ପୁରସ୍କୃତ କରି ତା'ପରଦିନ ଗୋଟେ କନ୍ୟ ସନ୍ତାନର ଅଧିକାରକୁ ଅଣଦେଖା କରାଗଲେ ଏ ଦିବସ ପାଳନ ମୂଲ୍ୟହୀନ । ଅହଲ୍ୟ ବାଇ ହୋଲକରଙ୍କ ଠାରୁ ଅହଲ୍ୟା ବାଇ ଫୁଲେ, ସୀତାଙ୍କ ଠାରୁ ମଲାଲା ୟୁସୁଫ୍‌ଙ୍କ ଯାଏଁ ପରିବର୍ତ୍ତନର ଧାରା ଜାରି ରହିଛି। ଆମେ ଭବିଷ୍ୟତ ପରିକଳ୍ପନା କରିବା ସମୟରେ ଆମକୁ ନିଶ୍ଚିତ କରିବାକୁ ପଡିବ ଯେ ଏହା ସମସ୍ତଙ୍କ ପାଇଁ ମାନବ ଅଧିକାର ହିଁ ମହିଳାଙ୍କର ଅଧିକାର ଏବଂ ଲିଙ୍ଗଗତ ସମାନତା ଏକ ବାସ୍ତବତା । ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଝଉଏ)୫ (ଲିଙ୍ଗଗତ ସମାନତା) ଏବଂ (ଝଉଏ) ୧୬ (ଶାନ୍ତି, ନ୍ୟାୟ ଏବଂ ଦୃଢ଼ ପ୍ରତିଷ୍ଠାନ) ମଧ ମହିଳା ସଶକ୍ତି କରଣକୁ ପ୍ରୋତ୍ସାହିତ କରିବା ସହ, ଧରାବନ୍ଧା ବାଧା-ବିଘ୍ନକୁ ଦୃଢ଼ତାର ସହ ମୁକାବିଲା କରିବା ଲାଗି ମାର୍ଗ ଦର୍ଶକ ।

କେବଳ ସହରାଞ୍ଚଳରେ ଚାକିରୀ କରିବା, ଭଲ ଇଂରାଜୀ କହିବା ମହିଳା ଯେ ସଶକ୍ତ ତାହା ଭାବିବା ଭୂଲ୍ ହେବ । ଯେଉଁ ଦିନ ନିଜ ଅଧିକାର ଜାଣିବା, ନିଜ ଲାଗି ନିଜେ ସ୍ୱର ଉତ୍ତୋଳନ କରିବା ଶିଖିବା ଏବଂ ଗ୍ରାମାଞ୍ଚଳରେ ଏ ବାର୍ତ୍ତା ପହଞ୍ଚାଇ ପାରିବା ସେଦିନ ହେବ ପ୍ରକୃତରେ ସଶକ୍ତ ସମାଜ, ସଶକ୍ତ ଦେଶ ।

୨୦୨୫ ମହିଳା ଦିବସର ବିଷୟ ବସ୍ତୁ ଜାତିସଂଘ "ଲିଙ୍ଗଗତ ସମାନତା ପାଇଁ ନବସୃଜନ ଏବଂ ପ୍ରଯୁକ୍ତି ବିଦ୍ୟା" ରଖିଥିବା ବେଳେ ୟୁ.ଏନ୍. ମହିଳା ସଂଘ "ସମସ୍ତ ମହିଳା ଏବଂ ଝିଅଙ୍କ ପାଇଁ ସମାନତା ଅଧିକାର ବିଷୟବସ୍ତୁ ରଖିଛନ୍ତି।

ବିଷୟବସ୍ତୁ କିଛି ବି ଥାଉ ଯେ ପର୍ଯ୍ୟନ୍ତ ଆମେ ସମସ୍ତେ ନିଜକୁ ସଜାଡିନେ, ଆତ୍ମସମୀକ୍ଷା କରିନେ ତେବେ ଲକ୍ଷ୍ୟ ହାସଲ ଅସମ୍ଭବ, ଆଜି ମହିଳା ସ୍ୱବଲମ୍ବୀ କିନ୍ତୁ ମାନସିକତାରେ ପରିବର୍ତ୍ତନ ସେମିତି ଆଖିଦୃଷ୍ଟିଆ ନାହିଁ । ଜଣେ ସଫଳ ମହିଳା ଯେତେବେଳେ ଅନ୍ୟ ମହିଳାଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରେ ସେ ପରିବର୍ତ୍ତନ ଆଣିପାରେ । ଖାଲି ନିଜର ଉନ୍ନତି ଭାବି ବସିଗଲେ ହେବନାହିଁ, ସମୂହ ବିକାଶରେ ଯୋଗଦାନ କରିବାକୁ ହେବ ।

କିଏ କହିଲା ମହିଳା ଅବଳା-ଦୁର୍ବଳା ପୁରାଣ କାଳରୁ ଆଧୁନିକ ଯୁଗ ଯାଏଁ ସେ ତ ସୃଷ୍ଟି ଆଉ ସେ ବିନାଶ । ପାର୍ବତୀ ଠାକୁରାଣୀ ଏମିତି ଏକ ପରିବାର ସମ୍ଭାଳୁଥିଲେ ଯେଉଁଠି ଖାଦ୍ୟ-ଖାଦକ ଏକାଠି ଥିଲେ । ଗଣେଶଙ୍କର ମୂଷା ତ ମହାଦେବଙ୍କର ସାପ, କାର୍ତ୍ତିକେୟଙ୍କର ମୟୁର ତ ପାର୍ବତୀଙ୍କର ସିଂହ । ସେ ସୁଚାରୁ ରୂପେ ଚଳାଇ ପାରିଥିଲେ ବୋଲି କେହି କାହାକୁ ଖାଦ୍ୟ କରିନଥିଲେ ବୋଧେ, ଆଉ ଆବଶ୍ୟକ ବେଳେ ସେଇ ପାର୍ବତୀ କାଳୀ ରୂପ ମଧ ଧାରଣ କରିଥିଲେ।

ଆଉ ଆଜି ଦେଶର ସର୍ବୋଚ୍ଚ ଗରୀମାମୟ ପଦବୀରେ ଜଣେ ମହିଳା ଆସିନ। ଆଜି ମହିଳା ଜେଟ୍ ଉଡାଜାହାଜ ମଧ ଉଡାଇଲେଣି । ତେଣୁ ଆମେ ଆଜି ସଂକଳ୍ପ ନେବା ସଂସ୍କୃତି, ପରିବାର, ଶିକ୍ଷାକୁ ନେଇ ମଧ ମହିଳା ଆଗକୁ ବଢ଼ିପାରେ, ଆଗକୁ ବଢ଼ିବା ଲାଗି ଦୃଢ଼ ମନୋବଳ ଥିଲେ ସବୁ ନିୟମ, ଯୋଜନାର ସଦୁପଯୋଗ କରିହେବ ।

ଦୟା, କ୍ଷମା ଧୈର୍ଯ୍ୟର ପ୍ରତିକ ହେଉଛି ନାରୀ, ସମାଜର ଉତ୍‌ଥାନ ପତନରେ ସମାଜକୁ ଦିଗ ଦେଇଥାଏ ନାରୀ, ବିଭିନ୍ନ ସଂପର୍କକୁ ସ୍ନେହର ସହ ବାନ୍ଧି ରଖିପାରେ ଗୋଟେ ନାରୀ । ଫୁଲ ପରି କୋମଳ, ଆକାଶ ପରି ବିଶାଳ ହୃଦୟ ଧାରିଣୀ ନାରୀ, ଏ ଦୁନିଆରୁ ସେ କେବଳ ଟିକେ ସ୍ନେହ, ସମ୍ମାନ ଆଶା କରେ ।

ଆଜି ନାରୀ ଜାତିକୁ ଆହ୍ୱାନ ନିଜର ସ୍ୱାଭିମାନକୁ ଗୁରୁତ୍ୱ ଦେଇ ସମସ୍ତଙ୍କୁ ସାଥିରେ ନେଇ ସୁନ୍ଦର ଓଡିଶା ଗଠନରେ ସମଭାଗି ହେବେ।

+ମୋ- ୭୦୦୮୩୯୬୬୫୪

# ତ୍ୟାଗର ଅନନ୍ୟ ପ୍ରତୀକ ନାରୀ

## ରାଜସ୍ମିତା ବାରିକ୍

'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ,
ରମନ୍ତେ ତତ୍ର ଦେବତା
ୟତ୍ରୈତାସ୍ତୁ ନ ପୂଜ୍ୟନ୍ତେ
ସର୍ବାସ୍ତତ୍ରା ଫଳାଃ କ୍ରିୟାଃ'

ଯେଉଁଠାରେ ନାରୀ ମାନଙ୍କୁ ପୂଜା କରାଯାଏ। ସେହିଠାରେ ଦେବତା ମାନେ ମଧ ସନ୍ତୁଷ୍ଟ ହୋଇଥାଆନ୍ତି। ଯେଉଁଠାରେ ନାରୀ ମାନଙ୍କୁ ଅସମ୍ମାନ କରାଯାଏ। ସେହି ଠାରେ ସବୁ କର୍ମ ନିଷ୍ଫଳ ହୋଇଥାଏ। ନାରୀର ସମାଜ ଗଠନରେ ଅନନ୍ୟ ଭୂମିକା ରହିଛି। ସେଥିପାଇଁ କୁହାଯାଏ 'ନାରୀ ହେଲେ ପାଠୋଇ, ଦେଶ ଯିବ ଆଗେଇ' ଗୋଟେ ନାରୀ ହିଁ ନିଜ ପରିବାରକୁ ଶିକ୍ଷିତ କରିବା ସହିତ ସମାଜକୁ ଉନ୍ନତି ପଥରେ ଆଗେଇ ନେଇପାରିବ । ନାରୀ ହେଉଛି ସ୍ନେହ ପ୍ରେମ ଶ୍ରଦ୍ଧାର ଅନନ୍ୟ ପ୍ରତୀକ। ପ୍ରକୃତି ରୂପକ ରଥକୁ ନାରୀ ପରିଚାଳନା କରିଥାଏ। ପଞ୍ଚ ଭୂତରେ ଆମ ଶରୀର ଗଢା, କିନ୍ତୁ ନାରୀ ଦ୍ୱାରା ହିଁ ଏହି ଜୀବ ଜଗତର ସର୍ଜନା ।

ଭଗବାନଙ୍କ ସୃଷ୍ଟିରେ ସବୁଠାରୁ ଅଦ୍ୱିତୀୟ ସୃଷ୍ଟି ହେଉଛି 'ନାରୀ' । ସେ ଜୀବନର ସମ୍ପୂର୍ଣ ବୟସରେ ନିଜ ପାଇଁ ଆଉ ପରିବାର ପାଇଁ ତ୍ୟାଗ କରି ଚାଲି ଥାଏ । ତ୍ୟାଗର ଅନନ୍ୟ ପ୍ରତୀକ ହେଉଛି ନାରୀ । ପିଲା ଦିନରୁ ଆରମ୍ଭ କରି ବଡ଼ ହେବା ପର୍ଯ୍ୟନ୍ତ କେବେ ନିଜ ପରିବାର ପାଇଁ କେବେ ଦେଶ ପାଇଁ ସର୍ବଦା ଅନ୍ୟର ମଙ୍ଗଳ ପାଇଁ ନିଜର ଖୁସିକୁ ତ୍ୟାଗ କରେ । ପୁରାଣ ଯୁଗ ରେ ନାରୀ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଯଜ୍ଞ କାର୍ଯ୍ୟରେ ନାରୀ ବିନା ଯଜ୍ଞ କରିବା ଅସମ୍ଭବ ଥିଲା ଯାହାକି ଆମେ ରାମାୟଣରେ ରାମଙ୍କ କ୍ଷେତ୍ରରେ ଦେଖିଛୁ । ସୀତାଙ୍କ ବିନା ଯଜ୍ଞ କରିହେବ ନାହିଁ ରାମଙ୍କୁ ଅନେକ ଦ୍ୱିତୀୟ ଥର ବିବାହ କରିବା ପାଇଁ କହିଥିଲେ କିନ୍ତୁ ରାମଚନ୍ଦ୍ର ଦ୍ୱିତୀୟ ଥର ଦାର ଗ୍ରହଣ ନ କରି ସେ ସୀତାଙ୍କ ସ୍ୱର୍ଣ୍ଣ ମୂର୍ତ୍ତି କରି ଅଶ୍ୱମେଧ ଯଜ୍ଞ କରିଥିଲେ । ଏହି ଘଟଣାରୁ ଆମର ଶିଖିବା ଉଚିତ୍ ଯେ ନାରୀର ଅନୁପସ୍ଥିତିରେ ଜଣେ ପୁରଷ କର୍ତ୍ତବ୍ୟ କଣ ହେବା ଉଚିତ୍।

'ଜନନୀ ଜନ୍ମ ଭୂମିଷ୍ଚ ସ୍ୱର୍ଗାଦପି ଗରୀୟସୀ' ଜନନୀ ଏବଂ ଜନ୍ମଭୂମି ସ୍ୱର୍ଗ ଠାରୁ ବି ମହାନ୍ ମା ଯେପରି ନିଜ ସନ୍ତାନର ଲାଳନ ପାଳନ କରେ ସେମିତି ଜନ୍ମ ଭୂମି ନିଜର ଶୀତଳ ପାଣି ପବନ ଦେଇ ଜୀବନକୁ ପରିପୁଷ୍ଟ କରେ । ନାରୀ ଯେତେବେଳେ ନିଜ ସନ୍ତାନ ଉପରେ କୌଣସି ବିପଦ ଆସିଲେ ସର୍ବଦା ନିଜ ଜୀବନକୁ ଖାତିର ନ କରି ନିଜ ସନ୍ତାନକୁ ରକ୍ଷା କରେ। ଗୋଟେ ନାରୀର କେତେ ରୂପ ହୋଇଥାଏ। ସର୍ବଦା କର୍ତ୍ତବ୍ୟ ପାଳନ କରି ନିଜ ଜୀବନ କେତେବେଳେ ସରିଯାଏ ଜାଣି ହୁଏ ନାହିଁ। ଏ ସମାଜ ରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ନିଜକୁ ପ୍ରମାଣିତ କରିବା ପାଇଁ କେତେ ଯେ ପରୀକ୍ଷା ଦେବାକୁ ହୁଏ। କେତେବେଳେ ଭଲ ଝିଅ ତ କେତେବେଳେ ଭଲ ବହୁ ପୁଣି ଭଲ ମା ପରିଚୟ ସୃଷ୍ଟି କରେ। ଆଜି ବି ଆମ ସମାଜରେ ସମସ୍ତେ ଭଲ ବହୁ ଖୋଜନ୍ତି କିନ୍ତୁ କେହି ଝିଅ ଜନ୍ମ କରିବା ପାଇଁ ଚାହାଁନ୍ତି ନାହିଁ । ଆମେ ଆଜି ଏତେ ଆଗକୁ ବଢିବା ପରେ ଏତେ ଶିକ୍ଷିତ ହେଲା ପରେ କନ୍ୟା ଭ୍ରୃଣ ହତ୍ୟା ପରି ଘୃଣ୍ୟ କାମ ହେଉଛି ଆମ ସମାଜରେ । ଇତିହାସର ପୃଷ୍ଠା ଓଲଟାଇଲେ ଦେଖିପାରିବା ନାରୀ ମାନେ କୌଣସି ଗୁଣରେ କମ୍ ନୁହଁନ୍ତି।

ଏହି ଭାରତ ମାଟିରେ ଝାନ୍ସି ରାଣୀ ଲକ୍ଷ୍ମୀବାଈ, ଦୁର୍ଗା ବତୀ, ମୀରାବାଈ, ଗାର୍ଗୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପରି ମହିୟସୀ ମହିଳା ଜନ୍ମ ନେଇଛନ୍ତି। ଖାଲି ସେତିକି ନୁହେଁ କଳ୍ପନା ଚାଓ୍ୱଲା, ସୁନିତା ୱିଲିଅମ୍ସଙ୍କ ପରି ନାରୀ ମାନେ ମହାକାଶରେ ପହଞ୍ଚି ଆମ ଦେଶ ପାଇଁ ଗୌରବ ଆଣିଛନ୍ତି । ଅଲମ୍ପିକ୍‌ରେ ପଦକ ଜିତିଥିବା ଏମ୍ ସି ମ୍ୟାରୀକମ୍, ସାକ୍ଷୀ ମଲ୍ଲିକ, ପିଭି ସିନ୍ଧୁ, ସାଇନା ନେହୱାଲ, ମନୁ ଭାକରଙ୍କ ପରି ଅନେକ କ୍ରୀଡ଼ାବିତ୍ ଦେଶର ତ୍ରିରଙ୍ଗା ପତାକାକୁ ବିଶ୍ୱ ଆଗରେ ଉଡେଇଛନ୍ତି। ତେଣୁ ନାରୀ ଯେ ସବୁ କାର୍ଯ୍ୟ ପାଇଁ ସମର୍ଥ ସେଥିରେ ତିଳେ ମାତ୍ର ଅବକାଶ ନାହିଁ ।

ଆମ ଓଡିଆ ଘରେ ପ୍ରତିଟି ମହିଳା ଚିତ୍ରକର, ବୈଜ୍ଞାନିକ ତଥା ପରିଚାଳନା ବିଦ୍ୟାରେ ନିପୁଣା । ଝୋଟି ଚିତା, ପିଠା ପଣା, ପୂଜା ପାର୍ବଣ, ପରିବାରର ସଦସ୍ୟ ମାନଙ୍କ ମଧରେ ସମନ୍ୱୟ ରଖିବା କ୍ଷେତ୍ରରେ ସେମାନେ ଶ୍ରେଷ୍ଠ । କଳିଙ୍ଗର ସୁପୁତ୍ରୀ ମାନଙ୍କ ପ୍ରଚ୍ଛଦ ପଟରେ ଅବଦାନ ଓ ତ୍ୟାଗପାଇଁ ଏହି ଶ୍ରେଷ୍ଠ ଓଡିଆ ଜାତି ଦିନେ ଗଙ୍ଗା ଠାରୁ ଗୋଦାବରୀ ଯାଏଁ ବିସ୍ତୃତ ଥିଲା।

'ବିଶ୍ୱ ବରେନ୍ୟା ସମାଜରେ ଧନ୍ୟା
ସବୁଠାରେ ସେ ତ ଜୟୀ,
ସବୁଠାରେ ଦିଏ ହୃଦୟ ତାହାର
ସୁଶିକ୍ଷାରେ ପରିଚୟୀ ।'

ଆଜି ଏ ନାରୀଙ୍କୁ ଅବଳା ଦୁର୍ବଳା ଭାବିବା ସହ ନାରୀଙ୍କୁ ଖେଳନାର କଣ୍ଢେଇ ଭାବୁଛନ୍ତି ଅନେକ। ସମାଜରେ ଚାଲିଆସୁଥିବାକୁ ସଂସ୍କାର ଆଉ ଅନ୍ଧବିଶ୍ୱାସ ହିଁ ନାରୀ ଉତ୍ପୀଡନର ମୂଳ କାରଣ। ନାରୀ ଟିଏ ସବୁବେଳେ ଫୁଲ ପରି ନିର୍ମଳ ଆଉ ପବିତ୍ର କିନ୍ତୁ ଏଠି ତାକୁ ପାଦେ ପାଦେରେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ନାରୀର ପଦମର୍ଯ୍ୟାଦା ଏତେ ମହାନ ଯେ ଆମେ ପୃଥିବୀ ଓ ଭାରତକୁ ମାତା ବୋଲି ସମ୍ବୋଧନ କରିବା ସତ୍ତ୍ୱେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଆମ ସାମାଜିକ ବିଧି ବ୍ୟବସ୍ଥାରେ ନାରୀ ମାନଙ୍କୁ ହିଂସା, ଲିଙ୍ଗଗତ ବୈଷମ୍ୟର ଶିକାର ହେବାକୁ ପଡୁଛି। ବର୍ତ୍ତମାନ ସମୟରେ ନାରୀ ମାନଙ୍କୁ ରୋଜଗାର କ୍ଷମ କରିବା ପାଇଁ ସରକାର ମଧ ସହଯୋଗ କରୁଛନ୍ତି । ବିଭିନ୍ନ ଯୋଜନା ମାଧମରେ ନାରୀ ମାନଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। ତେଣୁ ନାରୀ ମାନଙ୍କୁ ସୁରକ୍ଷା ଦେବା ସହିତ ସମାଜର ଉନ୍ନତି ସ୍ରୋତ ରେ ସାମିଲ କରିବା ଉଚିତ୍। ନାରୀ ମାନେ ଉନ୍ନତି କଲେ ସମାଜ ର ଉନ୍ନତି ହୋଇପାରିବ।

+ନୀଳଗିରି, ବାଲେଶ୍ୱର

# ବିଶ୍ୱ ମହିଳା ଦିବସ

## ଡଃ ମାଙ୍ଗଳିକା ମହାପାତ୍ର

ପ୍ରତିବର୍ଷ ମାର୍ଚ୍ଚ ମାସର ୮ ତାରିଖକୁ 'ବିଶ୍ୱ ମହିଳା ଦିବସ' ଭାବରେ ପାଳନ କରାଯାଇଥାଏ। ବିଭିନ୍ନ ଦେଶରେ ଏହା ବିଭିନ୍ନ ଭାବରେ ପାଳନ କରାଯାଇଥାଏ। ବିଶେଷତଃ ମହିଳା ମାନଙ୍କ ପ୍ରତି ସମ୍ମାନ, ସ୍ନେହ ଓ ଶ୍ରଦ୍ଧାର ନିଦର୍ଶନ ନିମନ୍ତେ ଏହି ଦିବସର ପାଳନର ତାତ୍ପର୍ଯ୍ୟ ରହିଛି ଏବଂ ମହିଳା ମାନଙ୍କ ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ଅଭିବୃଦ୍ଧିର ଉତ୍ସବ ଭାବରେ ଏହି ଦିନର ମହତ୍ତ୍ୱ ରହିଛି।ମହିଳାମାନଙ୍କୁ ସମାଜରେ ସେମାନଙ୍କ ଉଚିତ ସ୍ଥାନ ଦେବା ଏବଂ ସେମାନଙ୍କ ଉପଲବ୍ଧିକୁ ସର୍ବସାଧାରଣରେ ପ୍ରୋତ୍ସାହନ ଦେବା ତଥା ପ୍ରଶଂସା କରିବା ପାଇଁ ଏହି ଦିବସର ମହତ୍ତ୍ୱ ରହିଛି।

ବାସ୍ତବରେ ଅନ୍ତର୍ଜାତୀୟ ମହିଳା ଦିବସ ଏକ ଶ୍ରମିକ ଆନ୍ଦୋଳନରୁ ସୃଷ୍ଟି ହୋଇଛି। ୧୯୦୮ ମସିହାରେ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ଯେତେବେଳେ ନ୍ୟୁୟର୍କ ସହରରେ ୧୫ ହଜାର ମହିଳା ମାର୍ଚ୍ଚ ମାସରେ ଆନ୍ଦୋଳନ କରି ଚାକିରି କ୍ଷେତ୍ରରେ ସେମାନଙ୍କ ପାଇଁ କମ ସମୟ, ଭଲ ପାରିଶ୍ରମିକ ଦିଆଯାଉ ବୋଲି ଦାବି କଲେ। ଏହା ସହ ଭୋଟ ଦେବାର ଅଧିକାର ମଧ ଦାବି କରିଥିଲେ। ଏଣୁ ଆନ୍ଦୋଳନର ଏକ ବର୍ଷ ପରେ ଆମେରିକାର ସମାଜବାଦୀ ପାର୍ଟି ଏହି ଦିନଟିକୁ ପ୍ରଥମ ଜାତୀୟ ମହିଳା ଦିବସ ଭାବରେ ଘୋଷଣା କରିଥିଲା। ଏପରି ଚିନ୍ତାଧାରା ଜଣେ ମହିଳାଙ୍କର ହିଁ ଥିଲା। ୧୯୧୦ ମସିହାରେ କପିଳେନ୍ଦ୍ରରେ କାର୍ଯ୍ୟରତ ମହିଳାମାନଙ୍କର ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଚାଲିଥିଲା। ଏହି ସମୟରେ କ୍ଲାରା ଜେଟ୍ ?କିନ ନାମ୍ନୀ ମହିଳା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସେହି ସମୟରେ ଏହି ସମ୍ମିଳନୀରେ ୧୭ଟି ଦେଶର ୧୦୦ ମହିଳା ଉପସ୍ଥିତ ଥିଲେ। ସମସ୍ତେ ଏହି ପରାମର୍ଶକୁ ସମର୍ଥନ କଲେ। ୧୯୧୧ ମସିହାରେ ଅଷ୍ଟ୍ରିଆ, ଡେନ୍‌ମାର୍କ, ଜର୍ମାନୀ ଏବଂ ସ୍ୱିଜରଲାଣ୍ଡରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। ମାତ୍ର ୧୯୭୫ରେ ଏହା ଆନୁଷ୍ଠାନିକ ମାନ୍ୟତା ପାଇଲା। ସେତେବେଳେ ଏହାକୁ ମିଳିତ ଜାତିସଂଘ ଏକ ଥିମ ସହିତ ପ୍ରତିବର୍ଷ ପାଳନ କରିବା ଆରମ୍ଭ କଲା। ଅନ୍ତର୍ଜାତୀୟ ମହିଳା ଦିବସର ପ୍ରଥମ ବିଷୟବସ୍ତୁ ଥିଲା 'ଅତୀତକୁ ପାଳନ କରିବା, ଭବିଷ୍ୟତ ପାଇଁ ଯୋଜନା'। ୧୯୧୭ ମସିହାରେ ଋଷର ମହିଳାମାନେ, ମହିଳା ଦିବସରେ ରୁଟି ଏବଂ କପଡ଼ା ପାଇଁ ଆନ୍ଦୋଳନ କରିବାର ଯୋଜନା କରିଥିଲେ । ଏହି ଆନ୍ଦୋଳନ ମଧ ଐତିହାସିକ ଥିଲା । ଅନ୍ତରୀମ ସରକାର ମହିଳା ମାନଙ୍କୁ ଭୋଟ ଦେବାର ଅଧିକାର ଦେଲେ।



ଅନେକ ଦେଶରେ ଏହି ଦିନଟିକୁ ଜାତୀୟ ଛୁଟି ଘୋଷଣା କରାଯାଏ। ରୁଷ ଏବଂ ଅନ୍ୟାନ୍ୟ ଦେଶରେ ଏହି ଦିନ ଫୁଲର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଥାଏ। ଏହି ସମୟରେ ମହିଳା ଏବଂ ପୁରୁଷ ପରସ୍ପରକୁ ଫୁଲ ଦିଅନ୍ତି। ଚାଇନାର ଅଧିକାଂଶ କାର୍ଯ୍ୟାଳୟରେ ମହିଳାମାନଙ୍କୁ ଅଧାଦିନ ଛୁଟି ଦିଆଯାଏ। ଯୁକ୍ତରାଷ୍ଟ୍ରରେ ମାର୍ଚ୍ଚ ମାସକୁ ମହିଳା ଇତିହାସ ମହୋତ୍ସବ ଭାବରେ ପାଳନ କରାଯାଏ। ପାଶ୍ଚାତ୍ୟ ଦେଶମାନଙ୍କରେ ବିଶ୍ୱ ମହିଳା ଦିବସ ୧୯୭୭ ମସିହା ପରେ ଅଧିକ ଲୋକପ୍ରିୟ ହେଲା ଯେତେବେଳେ ଜାତିସଂଘ ସାଧାରଣ ବୈଠକରେ ସଦସ୍ୟମାନେ ମାର୍ଚ୍ଚ ୮ ତାରିଖକୁ ମହିଳା ମାନଙ୍କୁ ଅଧିକାର ଓ ବିଶ୍ୱ ଶାନ୍ତିର ଜାତିସଂଘ ଦିବସ ଭାବରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଇ ପରିପ୍ରେକ୍ଷୀରେ ପ୍ରତିବର୍ଷ ଏକ ଥିମ୍ ବା ଏହି ଦିବସର ତାତ୍ପର୍ଯ୍ୟ ହେତୁ ଏକ ବାକ୍ୟ ଦିଆଯାଇଥାଏ।୨୦୧୫ ମସିହା ପାଇଁ ଏହି ଦିବସର ଥିମ୍ ହେଉଛି **MAKE IT HAPPEN.** ବିଶ୍ୱର ବିଭିନ୍ନ ସଭ୍ୟତାରେ ବର୍ତ୍ତମାନ ବି ମହିଳା ମାନେ ଘରର ପୁରୁଷମାନଙ୍କ ଉପରେ ନିର୍ଭରଶୀଳ ରହିଛନ୍ତି ଏବଂ ସେମାନେ ନିଜର ଅର୍ଥନୈତିକ ଅଭିବୃଦ୍ଧି କରିବା ଦିଗରେ ଯତ୍ନବାନ ହେବା ପାଇଁ ଏହି ଦିବସର ତାତ୍ପର୍ଯ୍ୟ ଅନେକ ରହିଛି। ବିଶ୍ୱ ମହିଳା ଦିବସ ଉପଲକ୍ଷେ ସମସ୍ତ ମହିଳା ମାନଙ୍କୁ ଅନେକ ଅନେକ ଅଭିନନ୍ଦନ।

+ରେଭେନସା ବିଶ୍ୱବିଦ୍ୟାଳୟ

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୦୮ ମାର୍ଚ୍ଚ ୨୦୨୫, ଶନିବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶିମିଳିପାଳ ସୁରକ୍ଷା

ଶିମିଳିପାଳ ଜୈବ ମଣ୍ଡଳ ଏହାର ବିବିଧତା ସକାଶେ ସାରା ଭାରତରେ ଏକ ପ୍ରମୁଖ ସ୍ଥାନ ଅଧିକାର କରେ। ୨୭୫୦ ବର୍ଗ କିଲୋମିଟର ବ୍ୟାପୀ ପ୍ରକୃତିର ଏହି ଗନ୍ତାଘର ବିଭିନ୍ନ ପଶୁ-ପକ୍ଷୀ, ବୃକ୍ଷ-ଲତା, ଗୁଳ୍ମ, କୀଟ-ପତଙ୍ଗଙ୍କୁ ତା' କୋଳରେ ଆଶ୍ରୟ ପ୍ରଦାନ କରିଛି। ଏଠାରେ ୧୦୭୬ ପ୍ରଜାତିର ବୃକ୍ଷରାଜି, ୯୪ ପ୍ରଜାତିର ଅର୍କିଡ, ୫୫ ପ୍ରଜାତିର ସ୍ତନପାୟୀ ପ୍ରାଣୀ, ୩୬୧ ପ୍ରଜାତିର ପକ୍ଷୀ ଓ ୧୬୪ ପ୍ରଜାତିର ପ୍ରଜାପତି ସହ ବିଭିନ୍ନ ପ୍ରାଣୀ ଓ ଉଦ୍ଭିଦ ଦେଖା ଯାଇଥା'ନ୍ତି। ଏମାନଙ୍କ ମଧ୍ୟରେ ରୟାଲ ବେଙ୍ଗଲ ଟାଇଗର, ଏସୀୟ ପ୍ରଜାତି ହସ୍ତୀ, ବଣୁଆ ବିରାଡ଼ି, ବଣମଇଁଷି, ଲୁପ୍ତପ୍ରାୟ ବିଭିନ୍ନ ଲତା, ବୃକ୍ଷ ଅନ୍ତର୍ଭୁକ୍ତ। ସମ୍ପ୍ରତି ଜନସଂଖ୍ୟା ବିସ୍ଫୋରଣ ଏବଂ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଏହି ଜୈବମଣ୍ଡଳ ଉପରେ ବିଶେଷ ପ୍ରଭାବ ପକାଉଛି। କେତେକ ଜୀବଜନ୍ତୁଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ନିର୍ଝରିଣୀଗୁଡ଼ିକ ପୂର୍ବବତ ଚିରସ୍ରୋତା ହୋଇ ରହୁନାହିଁ। ଏଗୁଡ଼ିକର ସୁରକ୍ଷା ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମମାନ ପରିଚାଳନା କରାଯାଉଛି। କେତେକ ବେସରକାରୀ ସଂସ୍ଥା ଓ ପରିବେଶବିତ ମଧ୍ୟ ଏଥିରେ ସହଯୋଗ କରୁଛନ୍ତି। କିନ୍ତୁ ସ୍ଥାନୀୟ ଅଧିବାସୀଙ୍କ ସମ୍ପୃକ୍ତି ବିନା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା କଦାପି ସମ୍ଭବ ନୁହେଁ। ଶିମିଳିପାଳ ବନାଞ୍ଚଳ ଏବଂ ଏହାର ପାଦଦେଶରେ ଅନେକ ଜନଜାତି ଆଦିମ କାଳରୁ ବସବାସ କରୁଛନ୍ତି। ବିଭିନ୍ନ ସମୟରେ ଜଙ୍ଗଲକ୍ଷୟ ଓ ପଶୁପକ୍ଷୀ ହ୍ରାସ ନିମନ୍ତେ ଏମାନଙ୍କୁ ପରୋକ୍ଷରେ ଦାୟୀ କରାଯାଇଥାଏ। ପରନ୍ତୁ ଶିମିଳିପାଳକୁ ବାସ୍ତବରେ ସ୍ଥାନୀୟ ଜନଜାତି ଯଥା ସାନ୍ତାଳ, ହୋ, ମୁଣ୍ଡା, କଲହୋମାହାଲି, ଖଡ଼ିଆ, ଭୂୟାଁ, ବାଥୁଡି, ବିରହୋଲ ଇତ୍ୟାଦିମାନେ ହିଁ ସଂରକ୍ଷଣ କରିବାରେ ମୁଖ୍ୟଭୂମିକା ଗ୍ରହଣ କରୁଛନ୍ତି। ସେମାନେ ପାରମ୍ପରିକ ଜ୍ଞାନକୌଶଳ ଦ୍ୱାରା ପରିବେଶ ସହ ଓତପ୍ରୋତ ଭାବେ ଜଡ଼ିତ ଅଛନ୍ତି ଏବଂ ପରିବେଶକୁ ସୁରକ୍ଷିତ ରଖିବାରେ କେକେତାଂଶରେ ସଫଳତା ଲାଭ କରିଛନ୍ତି। ଶିମିଳିପାଳ ଆଖପାଖରେ ବସତି ସ୍ଥାପନ କରିଥିବା ଜନଜାତି ସମୂହ ଜଙ୍ଗଲକୁ ପବିତ୍ର ତଥା ପୂଜ୍ୟ ବସ୍ତୁ ଭାବେ ଗ୍ରହଣ କରନ୍ତି। ସେମାନଙ୍କ ଧର୍ମ-ପରମ୍ପରା, ସାହିତ୍ୟସଂସ୍କୃତି, ରୀତିନୀତି, ଖାଦ୍ୟପେୟ, ପର୍ବପର୍ବାଣି ଇତ୍ୟାଦି ସହିତ ଶିମିଳିପାଳର ସମ୍ବନ୍ଧ ଅତୁଟ ରହିଛି। ଅନ୍ୟ ବ୍ୟବସାୟୀ ଗୋଷ୍ଠୀ ଭଳି ଜଙ୍ଗଲକୁ ଲାଭଦାୟକ ଉତ୍ସ ଭାବେ ବ୍ୟବହାର ନ କରି ସେମାନେ ତା'କୁ ଯୋଗାଣକାରୀ ଏବଂ ରକ୍ଷାକର୍ତ୍ତା ଭାବେ ଗ୍ରହଣ କରନ୍ତି। ସୁତରାଂ, ଏହାର ସୁରକ୍ଷା ପ୍ରତି ଜନଜାତିମାନେ ସଦା ସଚେତନ ଓ ସମର୍ପିତ ଥା'ନ୍ତି। ଜଙ୍ଗଲ ସମ୍ପଦର ସୁରକ୍ଷା ଏବଂ ଚିରସବୁଜ ରଖିବା ସକାଶେ ଜନଜାତିମାନେ ସୀମିତ ପରିମାଣ ହିଁ ବ୍ୟବହାର କରନ୍ତି। 'ଜାହେର ଗାଳ', 'ଦେବସ୍ଥଳୀ' ଇତ୍ୟାଦି ଅଞ୍ଚଳରୁ ବୃକ୍ଷଛେଦନ, ପତ୍ରସଂଗ୍ରହ ଓ ଶିକାର ସମ୍ପୂର୍ଣ୍ଣ ବାରଣ କରାଯାଇଥାଏ। ଏବେ ପ୍ରତିବର୍ଷ ଶିମିଳିପାଳ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ପ୍ରଭୂତ ପରିମାଣରେ କ୍ଷୟକ୍ଷତି ଘଟୁଛି। ଜନଜାତିମାନେ ବୃହତ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ସକାଶେ ଅଗ୍ନିରେଖା ବିଚ୍ୟୁତି ଏବଂ ନିୟନ୍ତ୍ରିତ ଅଗ୍ନି ସଂଯୋଗ ପଦ୍ଧତି ଅବଲମ୍ବନ କରିଥା'ନ୍ତି। ଅବାଧ ବୃକ୍ଷଛେଦନକୁ ସେମାନେ ପ୍ରବଳ ବିରାଧ କରନ୍ତି। ସେମାନଙ୍କ ବିଶ୍ୱାସ ଅଛି ଯେ, ଅବାଧ ଜଙ୍ଗଲ କଟା ଦ୍ୱାରା ଜଙ୍ଗଲ ଦେବତା ରୁଷ୍ଟ ହୁଅନ୍ତି ଏବଂ ମରୁଡ଼ି ଓ ବିଭିନ୍ନ ରୋଗ ସୃଷ୍ଟି କରନ୍ତି। ଶିମିଳିପାଳ ପରିସୀମାରେ ଥିବା ଜନଜାତି ହେଉଛନ୍ତି ପାରମ୍ପରିକ ଫରେଷ୍ଟ ଗାର୍ଡ, ଫରେଷ୍ଟର ଓ ରେଞ୍ଜର। ବେନିୟମ ଗଛକଟା ଓ ଶିକାରର ସୁରାକ ମିଳିଲେ ସେମାନେ ଜଙ୍ଗଲ ଅଧିକାରୀଙ୍କୁ ସେ ସମ୍ପର୍କରେ ଅବଗତ କରାଇଥା'ନ୍ତି। ପୋଡୁ ଚାଷ ସାଧାରଣତଃ ଶିମିଳିପାଳ ଅଞ୍ଚଳରେ ଅଧିକ ପରିମାଣରେ ଦୃଷ୍ଟିଗୋଚର ହୁଏ ନାହିଁ। ଜନଜାତିମାନେ ଏହି ଅଞ୍ଚଳରେ ପରିବେଶ ଅନୁକୂଳ କୃଷି ଓ ଜଳ ଅମଳ ପଦ୍ଧତି ଅନୁସରଣ କରି କେବଳ ନିଜସ୍ୱ ଉପଯୋଗ ନିମନ୍ତେ ଖାଦ୍ୟଶସ୍ୟ ଅମଳ କରନ୍ତି। ଆଜିକାଲି କେତେକ ଜନଜାତି ଜୈବ-ପର୍ଯଟନ ଓ ଜୈବିକ କୃଷି ଆପଣାଉଛନ୍ତି। ଏତଦ୍ୱାରା ପରିବେଶ ଉପରେ ଚାପ ମଧ୍ୟ ହ୍ରାସ ପାଉଛି। ଶିମିଳିପାଳ ସୁରକ୍ଷା ଦିଗରେ ଜନଜାତିଙ୍କ ଉଲ୍ଲେଖନୀୟ ଅବଦାନ ଥିଲେ ମଧ୍ୟ ସେମାନେ ଅନ୍ୟାନ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲ ଜମିର ମୂଳବାସିନ୍ଦା ହେଉଛନ୍ତି ସ୍ଥାନୀୟ ଜନଜାତି ସମୂହ। ସେମାନଙ୍କ ମଧ୍ୟରୁ ଅନେକଙ୍କ ନିକଟରେ ଜମି ପ୍ରମାଣପତ୍ର ଅଭାବ ଯୋଗୁଁ ବାସସ୍ଥାନରୁ ବିସ୍ଥାପନ ହେବାର ଆଶଙ୍କା ସେମାନଙ୍କୁ ଆତଙ୍କିତ କରିଥାଏ। ଭୂମଣ୍ଡଳୀକରଣ ଓ ସ୍ଥାନାନ୍ତର ପ୍ରଭାବରେ ଜନଜାତିଙ୍କ ନୂତନ ପିଢ଼ି ପାରମ୍ପରିକ ଜ୍ଞାନକୌଶଳ ଆପଣେଇବାକୁ କୁଣ୍ଠାବୋଧ କରୁଛନ୍ତି। ସ୍ଥଳବିଶେଷରେ ଜଙ୍ଗଲଜାତ ଦ୍ରବ୍ୟର ମାଲିକାନା ଏବଂ ବ୍ୟବହାରକୁ ନେଇ ଜଙ୍ଗଲ ଅଧିକାରୀମାନଙ୍କ ସହିତ ଜନଜାତିମାନେ ମୁହାଁମୁହିଁ ହେଉଛନ୍ତି। ସେମାନଙ୍କ ସରଳତାର ସୁଯୋଗ ନେଇ ଜଙ୍ଗଲ ସମ୍ବନ୍ଧୀୟ ଅପରାଧମାନ କରିବାକୁ କେତେକ ଅସମାଜିକ ଲୋକ ପ୍ରବର୍ତ୍ତାଉଥିବା ଅଭିଯୋଗ ହେଉଛି।




### ମହିଳା

**ସଦାଶିବ ବିଶ୍ୱାଳ**

ମହିଳା..
ଫୁଲପରି କୋମଳ,
କଣ୍ଟାପରି ତୀକ୍ଷ୍ଣ,ମସୃଣ
ତା ମଣିଷ, ଛୁଆପାଇଁ ସ୍ନେହୀ
ଶତ୍ରୁ ପାଇଁ ହିଂସ୍ର ସିଂହୀ ଜାଣ

ମହିଳାଟିଏ..
ଦୁଃଖ ହରଣ କରେ
ସୁଖ ସାଉଁଟି ଚାଲେ
ନିଜ ମଣିଷ ସହ ହସେ କାନ୍ଦେ
ନିଜସ୍ୱ ଅସ୍ତିତ୍ୱ ଭୁଲେ

ମହିଳା..
ଛୋଟ ଆଶା ନେଇ
ଯେବେ ବଞ୍ଚିବା ଆରମ୍ଭ କରେ
ଦୁନିଆ ତାର ସୀମା ଦେଖାଏ
ଧର୍ମ-କର୍ମର ପାଚେରୀ ରଖେ ତା
ଆଗରେ

ତା ସ୍ୱପ୍ନ ଖୁସି ପାଇଁ
ନିଜକୁ ଜଳାଞ୍ଜଳି ଦିଏ
ଯେବେ ଧୈର୍ଯ୍ୟର ବନ୍ଧ ଭାଙ୍ଗେ
ହତାଶ ହୋଇ ଅନ୍ୟକୁ ଗାଳିଦିଏ

ଗୋଲାପର କୋମଳତା ଛାଡି
କଣ୍ଟା ବନି ଯାଏ
ଛୁଇଁବା ଲୋକକୁ ରକ୍ତାତ କରେ
ତା ଦୁର୍ଗା, କାଳିରୂପ ଦେଖାଏ


କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର
ଅଙ୍ଗାରୁଆ, ଜିଲ୍ଲା - କେଉଁଝର


# ଆନ୍ତର୍ଜାତୀୟ ମହିଳା ଦିବସ

**କାଳି ଦାସ**

'ଯତ୍ର ନାରୀୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା'

ଯାର ଅର୍ଥ ହେଲା ଯେଉଁଠି ନାରୀଙ୍କୁ ସମ୍ମାନ କରାଯାଏ ସେଠାରେ ଦେବତାଙ୍କ ବାସ ହୋଇଥାଏ। ଆମ ଦେଶ ରେ କେଉଁ ପ୍ରାଚୀନ କାଳରୁ ମହିଳାଙ୍କ ସମ୍ମାନ ପ୍ରତି ଧ୍ୟାନ ଦିଆଯାଇଛି।ଆମେ ଆମ ଜନ୍ମ ଭୂମିକୁ ମାତୃଭୂମି କହିଥାଉ । ଆମ ଭାଷାକୁ ମାତୃଭାଷା କହିଥାଉ। ଶକ୍ତି ଉପାସନା ଆମ ଦେଶରେ କେଉଁ ଆଦିମ କାଳରୁ ରହି ଆସିଛି । ବିଦ୍ୟାର ଅଧିଷ୍ଠାତ୍ରୀ ଭାବେ ସରସ୍ୱତୀଙ୍କୁ ଆରାଧାନା କରୁ ସହିପରି ଲକ୍ଷ୍ମୀଙ୍କ ଆରାଧନା ପ୍ରତେକ ଘରେ ହୋଇଥାଏ, ମୋହେଞ୍ଜୋଦାରୋ ହରପ୍ପକୁ ଖନନ କରିଗଲା ପରେ ସ୍ତ୍ରୁମୂର୍ତ୍ତୀ ମିଳିଛି ସେଉଠୁ ଆମେ ବୁଝିବା ଯେ ସେହି ସମୟ ରେ ମଧ ଲୋକମାନେ ଶକ୍ତିର ଉପାସନା ଜାଣିଥିଲେ।

ମହିଳା ଏବଂ ପୁରୁଷଙ୍କ ଦ୍ୱାରା ଆମ ସମାଜ ଗଠନ ହୋଇଛି କିନ୍ତୁ ମହିଳାଙ୍କ ଉପରେ ଆତ୍ୟାଚାର କମିବାକୁ ନା ନେଉନାହିଁ।

ସ୍କୁଲରେ କଲେଜରେ ରାସ୍ତା ରେ ଏବଂ ଟ୍ରେନରେ ମହିଳାଙ୍କ ସାଥିରେ ଆତ୍ୟାଚାର ଏବଂ ଆକ୍ରମଣ ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଛି । ମହିଳାଙ୍କ ଉପରେ ହୋଇଥିବା ଆକ୍ରମଣକୁ ବନ୍ଦ କରିବାପାଇଁ ବିଭିର୍ନ୍ନ ଆଇନ ଏବଂ ବିଲ ପାସ କରା ଯାଇଛି କିନ୍ତୁ କେବେ କାର୍ଯ୍ୟକାରି ହେବ ତାକୁ ଧରି ପ୍ରଶ୍ନବାଚି ଉଠିଛି । କିଛି ସ୍ଥାନରେ ଅପରାଧୀ ଦ୍ୱାରା ପୀଡ଼ିତାକୁ ମାମଲାକୁ ରଫା ଦଫା କରିବାପାଇଁ ଧମକ ଚମକ ଦିଆ ଯାଇଥାଏ । ମହିଳାଙ୍କ ସମ୍ମାନକୁ ଧରି



ଆମ ଦେଶର ସ୍ୱାଧୀନତା ଉପରେ ପ୍ରଶ୍ନ ଉଠିଛି ।

ଆନ୍ତର୍ଜାତୀୟ ମହିଳା ଦିବସ ପ୍ରଥମ ଥର ଯୁକ୍ତ ରାଷ୍ଟ୍ର ଆମେରିକା ମାର୍ଚ୍ଚ ୮, ୧୯୦୯ ପାଳନ କରାଯାଇଥିଲା ତାପରେ ପୁରା ବିଶ୍ୱରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରଯାଇଥିଲା ।ଏହି ଅବସର ରେ ବିଭିର୍ନ୍ନ ବରିଷ୍ଠ ମହିଳାଙ୍କୁ ନିମନ୍ତ୍ରଣ କରି ମଞ୍ଚ ଉପରେ ବସେଇ, ଉପହାର ଦେଇ ମହିଳାଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା କରାଯାଏ ।ବିଭିର୍ନ୍ନ ସ୍ଥାନରେ ମହିଳା ଦିବସ ଦିନ ମହିଳାଙ୍କୁ ଧରି ଆଲୋଚନା ଚକ୍ର ଅନୁଷ୍ଠିତ କରାଯାଇଥାଏ । ଏହି ଆଲୋଚନା ଚକ୍ର ରେ ମହିଳାଙ୍କ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସମସ୍ୟା ବିଷୟ ରେ ଚର୍ଚ୍ଚା ହୋଇଥାଏ । ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବିଭିର୍ନ୍ନ ଦେଶ ରେ ଜାତୀୟ ଛୁଟି ଘୋଷିତ କରାଯାଇଥାଏ ।

ଭାରତର ଜାତୀୟ ପିତା ମାହାତ୍ମା ଗାନ୍ଧୀଙ୍କ କହିଥିଲେ କି " **The day a woman can walk freely on the roads at night, that day we can say that India has achieved independence"**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜୱାହାରଲାଲ ନେହେରୁ କହିଥିଲେ କି **"If you educate a man you educate an individual but if you educate a woman you educate an whole family"**

ମହିଳାଙ୍କର ଅବଦାନ ଆମର ଜନ୍ମ ଠାରୁ ମୃତ୍ୟୁ ଯାଇଁ ସବୁଠାରେ ରହିଛି । ମଣିଷ ଯେତେବେଳେ ସବୁଠାରେ ଅସହାୟ ହୋଇଥାଏ ସେତେବେଳେ ମା ତାର ସାହାରା ହୋଇ ତାକୁ ଚାଲିବା ସିଖେଇଛି, ଦୁନିଆରେ ଠିଆ ହେବାପାଇଁ ମାନସିକ ବଳ ଯୋଗେଇଛି। ସେହିପରି ପତ୍ନୀ ଜୀବନ ରେ ସୁଖ ଦୁଖର ସାଥି ହେଇଛି । ଆମ ଜୀବନ ର ପ୍ରତେକ ଅବସ୍ଥା ରେ ଆମେ ମହିଳାଙ୍କୁ ପାଇଛୁ । ଆମ ସାଥିରେ ଠିଆ ହୋଇ ଆମର ମନବଳକୁ ବୃଦ୍ଧି କରିବାପାଇଁ । ମହିଳାଙ୍କ ଭିତରେ ରହିଥିବା ଆତ୍ମବଳ ଦେଶର ଜନକ ଗାନ୍ଧୀଜି ବୁଝିଥିଲେ । ଆମର ସ୍ୱାଧୀନତା ସଂଗ୍ରାମ ରେ ମାହିଳାଙ୍କ ବେସ ଭୂମିକା ରହିଥିଲା । ସରୋଜିନୀ ନାଇଡୁଙ୍କ ପରି ନାରୀ ନେତ୍ରୀ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଶା ଦେଇଥିଲେ । ଶହ ଶହ ମହିଳା ପୁରୁଷଙ୍କ ସହିତ ପାଦ ମିଶେଇ ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ । ଆମ ସ୍ୱାଧୀନତା ସଂଗ୍ରାମରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦ୍ରା ଗନ୍ଧିଙ୍କୁ ଜେଲ ମଧ ଯିବାକୁ ପଡିଥିଲା । ସୁବାଶ ଚନ୍ଦ୍ର ବୋଷ ମଧ ମହିଳାଙ୍କର ମାହାନ ଅବଦାନ ବିଷୟରେ ଜାଣିଥିଲେ। ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଡ ହିନ୍ଦ ଫୌଜରେ ଝାନ୍ସି ରାଣୀ ରେଜିମେଣ୍ଟ କେବଳ ମହିଳାଙ୍କ ପାଇଁ ଉଦିଷ୍ଟଥିଲା ଯେଉଁ ଠାରେ ମହିଳା ମାନେ ଯୋଗଦେଇ ଯୁଦ୍ଧ କୌଶଳକୁ ସିଖୁଥିଲେ ଏବଂ ବ୍ରିଟିଶ ସରକାର ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଭଗବାନ ବୁଦ୍ଧ ନ ଖାଇ ନ ପି ସାଧନା କରି ଦୁର୍ବଳ ହୋଇଥିବା ସମୟରେ ଜଣେ ମହିଳା ଯା ନା ସୁଜାତା ଖିରୀ ଦେଇଥିଲେ ଏବଂ ସେହି ଖିରୀ ଖାଇବା ପରେ ବୁଦ୍ଧଙ୍କ ଶରୀର ରେ ଶକ୍ତି ଆସିଥିଲା ଏବଂ ସିଏ ପରବର୍ତ୍ତୀ ସମୟରେ ଆତ୍ମଜ୍ଞାନ ପାଇଥିଲେ ।

ଭାରତରେ ବିଭିନ୍ନ ରାଜନୈତିକ ଦଳ ଏବଂ ବିଭିନ୍ନ ଗଣ ସଂଗଠନଠନଙ୍କ ଦ୍ୱାରା ବରିଷ୍ଠ ମହିଳାଙ୍କ ପ୍ରତି ମୂର୍ତ୍ତି ରେ ପୁଷ୍ପ ମାଲ୍ୟ ସହ ତାଙ୍କୁ ପୂଜା ଅର୍ଚ୍ଚନା କରାଯାଇଥାଏ। ଭାରତର ସ୍ୱାଧୀନତା ସଂଗ୍ରାମୀ ସରୋଜିନୀ ନାଉଡୁ ଏବଂ ରାଣୀ ଲକ୍ଷ୍ମୀ ବାଇଙ୍କ ଭାରତର ସ୍ୱାଧୀନତା ପାଇଁ ମହତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ରାଣୀ ଲକ୍ଷ୍ମୀ ବାଇ ଭାରତର ସ୍ୱାଧୀନତା ପାଇଁ ବ୍ରିଟିଶ ସରକାର ଉପରେ ଖଣ୍ଡା ଚଲେଇଥିଲେ।


+ ବ୍ରହ୍ମପୁର,
ଖୋଡାସିଙ୍ଗ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯


# ମା'ର ସ୍ନେହ : ନାରୀର ସଂସାର ଅସାର

**ଡ. ଅରୁନ୍ଧତୀ ଦେବୀ**

ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି। ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମା, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି। ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ। ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀକୁ ତା'ର ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ। ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଇ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକର ଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ଯୋଽପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ।

ଯାହାର ବ୍ୟକ୍ତିତ୍ୱ ନିଷ୍ପେସିତ ହୋଇଯାଏ ସ୍ୱାର୍ଥପର ଏଇ ସମାଜର ନାଲି ଆଖି ନିକଟରେ । ଯିଏ ଚେଷ୍ଟାକରି ମଧ୍ୟ ପାରେନାହିଁ ନିଜର ଆତ୍ମାନୁଭୂତି ବ୍ୟକ୍ତ କରି; ସେ ନାରୀ । ସାରା ଜୀବନ ଯିଏ ଧୂପକାଠିଟିଏ ପରି ତ୍ୟାଗର ସୁଗନ୍ଧିତ ଧୂମ ବିତରଣରେ ସମଗ୍ର ପରିବେଶକୁ ବାସ୍ନାରେ ଭରିଦିଏ । ଆଜି ପରିବର୍ତ୍ତିତ ସମାଜ ଯାହାକୁ କରିଚାଲିଛି ଅବହେଳିତ, ଲାଞ୍ଛିତ, ପଦାକୁ ପାଦ କାଢ଼ିଲେ, ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ । ଖବରକାଗଜର ପୃଷ୍ଠା ଲେଉଟେଇଲେ ଯୌତୁକ ଜନିତ ବଧୂ ହତ୍ୟା, କନ୍ୟା ଭ୍ରୁଣ ହତ୍ୟା ଅଥବା ପ୍ରତାରିତ ପ୍ରେମିକର ବିଶ୍ୱାସଘାତକତା । ପୁରୁଷ ପ୍ରାଧାନ୍ୟ ସମାଜ ମାନେନା ତାର ମହାନତା । ସମାଜରେ ନିଜ ସ୍ଥିତିକୁ ସୂଚେଇ ଦେବାକୁ, ନିଜର ସମ୍ମାନଜନକ ସ୍ଥାନଟିଏ ଥିଲା, ଅଛି, ରହିବ ବୋଲି ଜଣାଇବାକୁ ଆଜି ପାଳିତ ହୁଏ ଆନ୍ତର୍ଜାତିକ ମହିଳା ଦିବସ ।



ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବିଚରଣ କରନ୍ତି । ନାରୀର ଅସମ୍ମାନ ସମଗ୍ର ଧରିତ୍ରୀର ଅସମ୍ମାନ । ନାରୀ ବିନା ସୃଷ୍ଟ ଯେ ଅସମ୍ଭବ । ସ୍ୱାମୀ-ସ୍ତ୍ରୀ, ନାରୀ-ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏକ ବିନା ଆରେକ ସ୍ଥିତି ନାହିଁ, ପ୍ରଗତି ଆସିବ କୁଆଡୁ ? ସ୍ୱାମୀ ସାମ୍, ସ୍ତ୍ରୀ ଋକ୍ । ସ୍ୱାମୀ ଆକାଶ, ସ୍ତ୍ରୀ ପୃଥିବୀ । ଏକଥା ଭୁଲିଯାଉଛି ହୁଏତ ସମାଜ । ନାରୀକୁ କେବଳ ଶଯ୍ୟା ସଙ୍ଗୀନ, କ୍ରୀଡ଼ାନକ କରି ରଖିବାର ଲାଳସା ତାର ପ୍ରଗତି ପଥରେ ବାଧକ ହେଉଛି । ଏହି ନାରୀ ଦୁର୍ବଳା ନୁହେଁ । କନ୍ୟା, ଭଗିନୀ, ଜାୟା, ଜନନୀ ଭୂମିକାରେ ସେ ଯେତିକି ମହନୀୟା ମାହେଶ୍ୱରୀ ସାଜିପାରେ; ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମଧ୍ୟ ସେତିକି ଦୁର୍ଦ୍ଦମନୀୟା ମହାକାଳି, ମହିଷାମର୍ଦ୍ଦିନୀଙ୍କର ବିଷମୟ ରୂପ ଧାରଣ କରିପାରେ ।

ଆଜିର ମହିଳା ଦିବସ ପ୍ରସଙ୍ଗରେ ମନେପଡ଼ିଯାଉଛି ପୁରାଣର ଏକ ସ୍ମରଣୀୟ ଘଟଣାଟି। ମାଆ ତା ସନ୍ତାନଟି ପାଇଁ କେତେ ତ୍ୟାଗ ଓ ତୀତିକ୍ଷା କରିପାରେ ଏହା ହିଁ ଏହି ଆଲୋଚନାର ଉପଲକ୍ଷ। ଦିନେ ଆଶ୍ରମରେ ଶିଷ୍ୟମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ। ସନ୍ତାନ ପ୍ରତି ମା'ର ନିଃସର୍ତ୍ତ ପ୍ରେମ ଅନ୍ୟ କେଉଁଠି ଦେଖିବାକୁ ମିଳେନା। ଶିଷ୍ୟଗଣଙ୍କ ଉତ୍ସୁକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିଚାଲିଲେ ଛୋଟ ସହରରେ ଏକ ଦମ୍ପତି ରହୁଥାନ୍ତି। ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ। ବାପାଙ୍କ ଆକସ୍ମିକ ମୃତ୍ୟୁ ହୋଇଗଲା। ଆର୍ଥିକ ଅବସ୍ଥା ଭଲ ନଥାଏ। ପୁଅର ସ୍କୁଲ ହଷ୍ଟେଲରେ ମା' ରୋଷେଇ କରି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ। ପୁଅଟି ଭଲ ପାଠ ପଢୁଥାଏ। ଦିନେ ପୁଅର ଜଣେ ସାଙ୍ଗ ଥଟ୍ଟା କରି କହିଲା ଏଃ, ତୋ ମା କାଣୀ। ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ। ପୁଅକୁ ଖରାପ ଲାଗିଲା। ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତାର ପରିଚୟ ହେଉଛି କାଣୀ ରୋଷେୟାଙ୍କ ପୁଅ ବୋଲି। ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ। ମା'ର ପରିଚୟ ଠାରୁ ଦୂରେଇ ଯିବ। ଭଲ ପାଠ ପଢୁଥିଲା, ବଡ଼ ସହରକୁ ଚାଲିଗଲା। ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ। ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ି ରହିଲା। ପୁଅ ବଡ଼ ଅଫିସର, ବାହାସାହା ହୋଇ ସହରରେ ରହୁଛି। ଦିନେ ମା'ର ଇଚ୍ଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖନ୍ତା। ପଚାରି ପଚାରି ଗଲା। ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା। କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା। କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି। ଏ ଭିତରେ କିଛି ମାସ ଚାଲିଗଲା। କ'ଣ ସରକାରୀ କାମରେ ପୁଅ ସେଇ ଗାଁକୁ ଆସିଥାଏ। କ'ଣ ମନ ହେଲା କେଜାଣି ଭାବିଲା ଜନ୍ମସ୍ଥାନ ଟିକିଏ ଦେଖିଯିବି। ଘରେ ପହଞ୍ଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି। ପଡ଼ୋଶୀ ମହିଳା ପୁଅ ନାଁରେ ଲେଖାଥିବା ଚିଠିଟିଏ ଆଣି ଦେଲେ। ସେଥିରେ ଲେଖାଥିଲା - ପୁଅ, ତୁ ଖୁସିରେ ଅଛୁ ଜାଣିଲି, ଯାହାହେଉ ତୋ ଜରିଆରେ ମୁଁ ଦୁନିଆକୁ ଦେଖାଯିବ ସେଥିଲାଗି ମୋ ଆଖି କାଢ଼ି ତୋ ଆଖିରେ ଡାକ୍ତର ଲଗାଇଥିଲେ। ମୋର ଦୁର୍ଭାଗ୍ୟ ଯେ ତୋ ସହିତ ଆଉ ଭେଟ ହୋଇପାରିଲା ନାହିଁ। ବିଶ୍ୱ ମହିଳା ଦିବସ ଅବସରରେ ନାରୀ ସଶକ୍ତିକରଣକୁ ସମ୍ମାନ ଓ ନିଜ ମାଆ ମାନଙ୍କ ପ୍ରତି କର୍ତ୍ତବ୍ୟର ଦିଗଟିକୁ ଅନୁଚିନ୍ତନକଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟର ଗୁରୁତ୍ୱ ରହିବ।


+ନିର୍ଦ୍ଦେଶିକା ଓ ସମ୍ପାଦିକା,
ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦


### ଭାରତ ଜନନୀ କାହିଁ ? ?

**ନିରଞ୍ଜନ ମହାରଣା**

ଯୁଗଯୁଗରୁ ଯେ ନାରୀଙ୍କର ଗାଥା
ରହିଅଛି ଇତିହାସେ,
ସ୍ୱର୍ଣ୍ଣାକ୍ଷରେ ନାମ ଲିପିବଦ୍ଧ ହୁଏ
ବର୍ଣ୍ଣିତ ଯେ ତ୍ୟାଗ ଯେତେ ।।

ପୁରାଣ ଶାସ୍ତ୍ରଠୁ ଆରମ୍ଭ କରିଣ
ସମାଜର ସେବା ଯାଇଁ,
ବିଜ୍ଞାନର କେତେ ଉନ୍ନତି କରିଛି
ଭାରତର ନାମପାଇଁ ।।

ଲୋପାମୁଦ୍ରା ଠାରୁ କମଳାଦେବୀ ଯେ
ଲକ୍ଷ୍ମୀବାଈ ପରିଯନ୍ତ,
ସ୍ୱାଧୀନତା ପାଇଁ ତାଙ୍କର ଭୂମିକା
ମନରୁ ହୋଇନି ଅନ୍ତ ।।

ସେବା କ୍ଷେତ୍ରରେ ଯେ ମଦର
ଟେରେସା
କରି କୁଷ୍ଠରୋଗୀ ସେବା,
ନାରୀ ସଶକ୍ତିରେ ଭୁଲିବା କେମିତି
ସାବିତ୍ରୀବାଇଙ୍କୁ ଅବା ।।

ନୂତନ ବିଜ୍ଞାନ ଅନ୍ୱେଷଣ ପାଇଁ
କଳ୍ପନା ଯେ ଯାଇଥିଲେ,
ମେରୀ ଆଣବିକ ବିକିରଣ ପାଇଁ
ନୋବେଲ ସେ ପାଇଥିଲେ ।।

ଷ୍ଟେଫନିଙ୍କ କେଭଲାର ଲୌହଠୁ ଯେ
ପାଞ୍ଚଗୁଣ ଶକ୍ତିଶାଳ,
ଉଦ୍ଭାବକ ଭାବେ ହପର ଆଣିଲେ
କମ୍ପୁଟର କଂପାଇଲ ।।

ପରାଧୀନ ଦେଶେ ସ୍ୱାଧୀନତା ପାଇଁ
ଆଗଧାଡ଼ି ବହୁ ନେତ୍ରୀ,
ଚାବୁକ ପ୍ରହାର ଖାଇ ମଧ ସେତ
ଆଣିଥିଲେ ଶାନ୍ତିମୈତ୍ରି ।।

ଘୋର ବିଡମ୍ବନା ଆଜିର ଦୁନିଆ
ତମସା ଆଚ୍ଛନ୍ନ ପରା,
ଡାହାଣୀ ପିଶାଚି ଚିରୁଗୁଣୀ ନାମେ
ନାରୀଙ୍କୁ ଦେଖୁଚି ଭଲା ।।

ତଥାପି କାହିଁକି ମନରେ ମୋହର
ଉଙ୍କି ମାରୁଥାଏ ପ୍ରଶ୍ନ,
ପ୍ରତି ବିଷୟର ଜନକ ଅଛନ୍ତି
ଜନନୀ ନାମଟି ଭସ୍ମ ।।

ସେହି ନାରୀଙ୍କର ତ୍ୟାଗ ସ୍ତୁତିଗାଥା
ଆଗଧାଡ଼ି କିମ୍ବାନାହିଁ,
ସ୍ୱାଧୀନ ଦେଶରେ ଜନକ ଅଛନ୍ତି
ଭାରତ ଜନନୀ କାହିଁ ??


(ଅଧ୍ୟାପକ)
ମାହାଙ୍ଗା, କଟକ


### ବିଶ୍ୱ ମହିଳା ଦିବସ ଆସିଛି

**ଜୟନ୍ତ କୁମାର ମଲ୍ଲିକ୍**

ବିଶ୍ୱ ମହିଳା ଦିବସ ଆସିଛି
ଖୁସିର ବାରତା ନେଇ -
ଦେହରେ ମନରେ ଅପୂର୍ବ ପୁଲକ
ନାଚୁଅଛି ଥେଇ ଥେଇ,
ମହିଳା ମାନଙ୍କ ସନମାନ ପାଇଁ
ସମର୍ପିତ ଏହି ଦିନ -
ତାଙ୍କୁ ଛାଡ଼ିଦେଲେ ସାରା ଦୁନିଆଁଟା
ଲାଗିଥାଏ ଶିରୀହୀନ,
ଜନନୀ ଭଗିନୀ ଗୃହିଣୀ ସିଏତ
ଥାଏ ନାନା ରୂପ ଧରି -
ଦିବ୍ୟ ଚେତନାକୁ କରଇ ଜାଗ୍ରତ
ସିଏ ଅଟେ ଦେବୀ ପରି,
ଅନାବିଳ ସ୍ନେହ ମମତାରେ ସେତ
ସବୁବେଳେ ଛଳଛଳ -
ସିଏତ ଅଟନ୍ତି ଆଶା ଭରସାର
ପବିତ୍ର ଗଙ୍ଗାର ଜଳ,
ପୁରୁଷ ପାଇଁ ସେ ପ୍ରେରଣାର ଉତ୍ସ
ତା' ଖୁସିର ପାରିଜାତ -
ସବୁରି ଜୀବନେ ପବିତ୍ର ଭାବରେ
ହୁଏ ସେତ ଆତଯାତ,
ମହିଳା ଦିବସେ ସବୁ ମହିଳାଙ୍କୁ
ସନମାନ ଦେବା ଆସ -
ସବୁରି ମନରୁ ଅଶୁଭ ଭାବନା
ହୋଇଯିବ ନିଶ୍ଚେ ନାଶ।


ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

ଫୁଲଝରି
ଧ୍ୱନି ପ୍ରତିଧ୍ୱନି
ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ ଶନିବାର, ୦୮ ମାର୍ଚ୍ଚ ୨୦୨୫





## କବିତା ତୁମ ପାଇଁ

### ଅବିର ଲଗେଇ ଖେଳିବା ହୋଲି...

**ରାମଚନ୍ଦ୍ର ବେହେରା**

ବରଷକ ପରେ ଆସୁଅଛି ହୋଲି
ଖୁସିର ପସରା ନେଇ
ସହର ବଜାର ଦିଶୁଛି ଗହଳି
ରଂଗ ପିଚକାରି ପାଇଁ।

ନୂଆ ପିଚକାରି ନାନା ଜାତି ରଂଗ
ହେଉଅଛି ବିକା କିଣା
ପୁନେଇଁର ଅନ୍ତେ ହୋଲି ମନାଇବେ
ନକରିବେ କେହି ଊଣା।

ଜେଜେ କହୁଥିଲେ ଆଜିକାଲି ରଂଗ
ନୁହଁଇ ପୂର୍ଣ୍ଣ ବିଶୁଦ୍ଧ
ସେଥିରେ ଲୁଚିଛି ରସାୟନ ଦ୍ରବ୍ୟ
ଶରୀର ପାଇଁ ଅହିତ।

ଅତୀବ ସୁନ୍ଦର ଜୈବିକ ଅବିର
ମିଳୁଛି ହାଟ ବଜାରେ
ସେହି ଅବିରକୁ ସରାଗେ କିଣିବ
ଖେଳିବ ହୋଲି ଶ୍ରଦ୍ଧାରେ।

ଜେଜେଂକ କଥାକୁ ଶୁଣି କୁନା ମୁନା
ଜୈବିକ ଅବିର କିଣି
ହର୍ଷ ଉଲ୍ଲାସରେ ହୋଲି ମନାଇଲେ
ସାଂଗ ସାଥୀ ସହ ମିଳି।

ରସାୟନ ରଂଗ ବିପଦ ସଂକୁଳ
ପରାଣୁ ଦୂରେଇ ଦେଲେ
ଜୈବିକ ଅବିର ହୋଇ ବୋଲାବୋଲି
ରଂଗ ପର୍ବ ମନାଇଲେ।

ଭାଇଚାରା ଭାବ ହୃଦୟେ ସାଇତି
ହିଂସାଭାବ ମନୁ ଭୁଲି
ଅବିର ରଂଗରେ ମୁହଁକୁ ରଂଗେଇ
ସରାଗେ ଖେଳିଲେ ହୋଲି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ଆଖି ଆଗେ ଯାଏ ଦିଶି

**କୀର୍ତ୍ତନ ସାହୁ**

ଆଖି ଆଗେ ଆମ ନାଚି ଉଠୁଥାଏ
କେଡ଼େ ସୁନ୍ଦରିଆ ରୂପ
ଦେଖି ଦେଲେ ଥରେ ମନ ପୂରିଉଠେ
ପ୍ରଜା ହେଉ ଅବା ନୃପ ।

ଗାଆଁ ମୁଣ୍ଡ ଗଛ ଲତା ଗହଳରେ
ସୂରୁଜ ଟେକିଲେ ମୁଣ୍ଡ
କେଡ଼େ ଶୋଭାମୟ ପରିବେଶ ଥିଲା
ଉଚ୍ଚାରି ପାରେନା ତୁଣ୍ଡ ।

ଫୁଲ ଫଳ ଦେହେ ସୂରୁଜ କିରଣ
ନାଚୁ ଥିଲା ଥେଇ ଥେଇ
ମନ୍ଦିର ବେଢ଼ାରୁ ଘଣ୍ଟ ମର୍ଦ୍ଦଳର
ସ୍ୱର ଶୁଭେ ଧେଇ ଧେଇ ।

କେତେ କେତେ ପକ୍ଷୀ ଗାଇ ଉଠୁଥିଲେ
ଶୁଭ ସକାଳର ଗୀତି
ଗାଆଁର ଦାଣ୍ଡରୁ ଭାସି ଆସୁ ଥିଲା
ଛୁଆଙ୍କର ଖେଳ ପ୍ରୀତି ।

ହଳ ଲଙ୍ଗଳକୁ ଧରି ଚାଷୀ ଭାଇ
ବିଲ ଆଡେ କରେ ମୁହଁ
ସମାଜ ପାଇଁକି ସେହି ଅବଦାନ
ଭୁଲିବାର କେବେ ନୁହଁ ।

ଏଇମିତି କେତେ କେତେ ଛବି ଯାହା
ଆଖି ଆଗେ ଦିଶି ଯାଏ
ହେଲେ ସେ ବେଳାର ଗାଆଁ ଦୃଶ୍ୟ ଆଉ
ଦେଖିବାକୁ କୋଉ ପାଏ !

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

### ଆମେ ଟିକି ତାରା

**ନିରଞ୍ଜନ ସାହୁ**

ଆମେ ଯେତେ ଶିଶୁ ଅଛୁ
ଭାରି ସରଳିଆ
ଆମ ମଧ୍ୟେ ରହିଥାଏ
ଭାବ ଦିଆନିଆ ।
ଆମେ ମିଶୁ ଆମେ ହସୁ
ଖେଳୁ ନାନା ଖେଳ
ଖୁସି ଗପ କରୁ ଆମେ
ହୋଇ ସାଙ୍ଗ ମେଳ ।
ମନ ଦେଇ ପାଠ ପଢୁ
ସାଙ୍ଗସାଥି ହୋଇ
ଭାରି ଖୁସି ହେଉ ଆମେ
ପରସ୍ପରେ ଖୋଇ ।
ଗୀତ ଗାଉ ନାଚ କରୁ
ଆଙ୍କୁ ନାନା ଛବି
ଛୋଟ ଛୋଟ ଗୀତ ଲେଖୁ
ଆମେ ଟିକି କବି ।
ରାଗରୁଷା , ଅଭିମାନ
ସବୁ ଯାଉ ଭୁଲି
ସାଙ୍ଗହୋଇ ଗାଆଁସାରା
ଟିକେ ଆସୁ ବୁଲି ।
ବିଦ୍ୟାଳୟେ ପର୍ବ ଆମେ
ମିଳିମିଶି ପାଳୁ
ନାନାବିଧ ସମସ୍ୟାର
ସମାଧାନ ଭାଳୁ ।
ସାଙ୍ଗସାଥି ଘର ଆମେ
ବୁଲିବାକୁ ଯାଉ
ସାଙ୍ଗଦୁଃଖେ ଦୁଃଖୀ ହେଉ
ସୁଖେ ଶାନ୍ତି ପାଉ ।
ଭଳିଭଳି ପୋଷାକରେ
ଆମେ ପାଉ ଶୋଭା
ସମସ୍ତଙ୍କୁ ଦିଶୁଥାଉ
ଭାରି ମନଲୋଭା ।
ମନଖୋଲା ହସ ହସୁ
ହୃଦୟକୁ ଖୋଲି
ଫଗୁ ବୋଳାବୋଳି ହେଉ
ଆସିଗଲେ ହୋଲି ।
କଥା ଆମେ କାମେ ଆମେ
ସହଯୋଗ କରୁ
ମହତଙ୍କୁ ଅନୁସରି
ତାଙ୍କ ବାଟ ଧରୁ ।
ପାଠାଗାରେ ବହି ପଢୁ
ଆମ ମନଲାଖି
ଠାକୁରଙ୍କୁ ଡାକୁ ଆମେ
ମୁଦି ଦୁଇ ଆଖି ।
ଆମ ମନେ ଭରିଅଛି
ଭଲ ଚିନ୍ତାଧାରା
କାର୍ଯ୍ୟକରି ଦେଖାଇବୁ
ଆମେ ଟିକି ତାରା ।
ଦେଶସେବା ହେବ ଆମ
ଜୀବନର ଧର୍ମ
କରୁଅଛୁ କରୁଥିବୁ
ଯେତେ ଭଲ କର୍ମ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଭଲ ପାଇବାରେ ଖୁସି

**ରମେଶ ଚନ୍ଦ୍ର ଦାଶ**



ଗୋଟିଏ ଦେଶରେ ଜଣେ ରାଜା ଥିଲେ । ତାଙ୍କୁ ପ୍ରଜାମାନେ ଭାରି ଭଲ ପାଉଥିଲେ । ଏହା ଦେଖି ତାଙ୍କର ପଡ଼ୋଶୀ ରାଜ୍ୟର ରାଜା ତାଙ୍କ ରାଜ୍ୟକୁ ଗୁପ୍ତଚର ପଠାଇ ସେହି ଦେଶର ରାଜାଙ୍କୁ ପ୍ରଜାମାନେ ଭଲପାଇବାର କାରଣ ଜାଣିବାକୁ ଚେଷ୍ଟାକଲେ। ଦୁର୍ଭାଗ୍ୟର କଥା ଗୁପ୍ତଚର ଜଣଙ୍କ ଧରାପଡ଼ି ସେହି ରାଜାଙ୍କ କାରଗାରରେ ରହିଲେ। ପଡ଼ୋଶୀ ରାଜା ଏଥିରେ ବ୍ୟଥିତ ହୋଇପଡ଼ିଲେ । ସେ ଅନ୍ୟ ଉପାୟ ନଦେଖି ସେହି ରାଜ୍ୟ ଉପରେ ଆକ୍ରମଣ କଲେ । ତାଙ୍କର ଏ ଚେଷ୍ଟା ମଧ ବ୍ୟର୍ଥ ହେଲା । ପଡ଼ୋଶୀ ରାଜା ପରାସ୍ତ ହୋଇ ନିଜ ରାଜ୍ୟ ହରାଇ କାରାଗାରରେ ରହିଲେ । ଏହିପରି କିଛି ଦିନ ଗଲା।

ଦିନେ ରାଜା ଚିନ୍ତାକଲେ ଯେ କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ନଥାଇ ପଡ଼ୋଶୀ ରାଜା ତାଙ୍କ ରାଜ୍ୟ ଉପରେ ଆକ୍ରମଣ କଲେ କାହିଁକି ? ଏ ବିଷୟରେ ସେ ଯେତେବେଳେ ରାଜସଭାରେ ଆଲୋଚନା କଲେ । କୌଣସି ବ୍ୟକ୍ତି ଏହାର କାରଣ କହିପାରିଲେ ନାହିଁ । ରାଜା ପୁଣି ବ୍ୟସ୍ତ ହୋଇପଡ଼ି କାରଣ ଖୋଜିବାକୁ ଲାଗିଲେ। ସେ ଏ ବାବଦରେ ରାଜ୍ୟରେ ଥିବା ଅନ୍ୟ ପଣ୍ଡିତମାନଙ୍କୁ ଡକାଇଲେ । ସେମାନେ ମଧ କିଛି କହିପାରିଲେ ନାହିଁ । ଏଥିପାଇଁ ତାଙ୍କ ରାଜସଭାର କେତେକ ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେଲା । ସେ ସେମାନଙ୍କୁ ଚାକିରିରୁ ବାହାର କରିଦେଲେ । ଏହାଫଳରେ ରାଜସଭାରେ ବିଶୃଙ୍ଖଳା ଦେଖାଦେଲା।

କିଛି ପଣ୍ଡିତଙ୍କୁ ବି ଗିରଫ କରି କାରାଗାରରେ ରଖିଲେ । ଫଳସ୍ୱରୂପ ସେହି ରାଜ୍ୟର ପ୍ରଜାମାନେ ଧୀରେ ଧୀରେ ତାଙ୍କ ଉପରେ ଆସ୍ଥା ତୁଟାଇ ଅନ୍ୟ ପଡ଼ୋଶୀ ରାଜ୍ୟକୁ ପଳାଇଲେ।

ଦିନେ ରାଜା ଏକାନ୍ତରେ ବସିଥିବା ଅବସ୍ଥାରେ ଚିନ୍ତାକଲେ ଯେ ମୋର ସବୁ ଉଦ୍ୟମ ବ୍ୟର୍ଥ ହେଲା । ଆକ୍ରମଣକାରୀ ପଡ଼ୋଶୀ ରାଜାଙ୍କୁ ପଚାରି ବୁଝିବା ଦରକାର, ସେ କାହିଁକି ଆକ୍ରମଣ କରିଥିଲେ ।

ତାଙ୍କୁ ପଚାରିବାରେ ସେ କହିଲେ- ମହାରାଜ, ଆପଣଙ୍କୁ ପ୍ରଜାମାନେ ଭଲ ପାଇବାର କାରଣ ଜାଣିବାକୁ ଚେଷ୍ଟାକରି ବିଫଳ ହେବାରେ ଯୁଦ୍ଧ କରିଥିଲି । ସେଥିରେ ବି ମୁଁ ବ୍ୟର୍ଥ ହେଲି । କିନ୍ତୁ ମୁଁ କାରଗାରରେ ରହିବା ମଧ୍ୟରେ ପ୍ରକୃତ କାରଣ ଜାଣିଗଲି । ରାଜା ପଚାରିଲେ- କ'ଣ ଜାଣିଲେ ? ଆକ୍ରମଣକାରୀ ରାଜା କହିଲେ- ପ୍ରକୃତରେ ଆପଣ ବହୁତ ଭଲ । ସେଥିପାଇଁ ସେମାନେ ଆପଣଙ୍କୁ ଭଲ ପାଉଥିଲେ । ମୁଁ ଏବେ ନିଜକୁ ବଦଳାଇବାକୁ ଚେଷ୍ଟାକରୁଛି । ମୋର ବିଶ୍ୱାସ ଅଛି ଆପଣଙ୍କୁ ନିଶ୍ଚିତ ଭାବରେ ଜିତିପାରିବି ।

ରାଜା କହିଲେ- କେମିତି ? ପଡ଼ୋଶୀ ରାଜା କହିଲେ- ଆପଣଙ୍କର ଯେଉଁ ବିଜ୍ଞ ବ୍ୟକ୍ତିମାନେ କାରାଗାରରେ ଅଛନ୍ତି, ସେମାନଙ୍କ କଥା ହିଁ ମୋତେ ସାହସ ଦେଇଛି । ରାଜା ତାହାପରେ ଖୁବ୍ ଜୋର୍‌ରେ ରାଗି କହିଲେ- କାରାଗାରରେ ଥିବା ସମସ୍ତଙ୍କୁ ମୁକ୍ତ କରିଦିଅ । ରାଜାଙ୍କ କଥା ଅନୁସାରେ ସମସ୍ତେ ମୁକ୍ତ ହେଲେ ଓ ତାଙ୍କର ପଡ଼ୋଶୀ ରାଜାଙ୍କୁ ତାଙ୍କର ପୁରୁଣା ରାଜ୍ୟ ମଧ ଫେରାଇଦେଲେ । ତା'ପରେ ସେ ନିଜକୁ ନିଜେ ବଦଳାଇ ପ୍ରଜାମାନଙ୍କର ମଙ୍ଗଳ କାର୍ଯ୍ୟ କରିବାରେ ପ୍ରଜାମାନଙ୍କ ସହିତ ରାଜା ବି ଖୁସିହେଲେ । ପଡ଼ୋଶୀ ରାଜ୍ୟର ରାଜା ଅନୁରୂପ ଶାସନ କରିବାରୁ ତାଙ୍କ ପ୍ରଜାମାନେ ତାଙ୍କୁ ଭଲପାଇଲେ ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ମୋ: ୯୭୭୬୨୩୮୫୨୨

### କରିଲାଣି ମୁଣ୍ଡବ୍ୟଥା

**ଧ୍ରୁବ ଚରଣ ଘିବେଲା**

କୁହନା କୁହନା ଖରାକଥା ଆଉ
କରିଲାଣି ମୁଣ୍ଡବ୍ୟଥା
ମାର୍ଚ୍ଚ ମାସରେ ବସନ୍ତ କାଳରେ
ଖରା ଯୋଗୁଁ ଲାଗେ ଅଥା ।
ଗ୍ରୀଷ୍ମ ନ ଆସୁଣୁ ହୁଏ ଅନୁଭୂତ
ପ୍ରଚଣ୍ଡ ରୌଦ୍ର ପ୍ରକାଶ
ବସନ୍ତର ଶୀରି ଯାଏ ଅପସରି
ଖରା କରାଏ ବିବଶ ।
ସଜେଇ ହୋଇବା ଆଗରୁ ହଜୁଛି
ବସନ୍ତର ଶ୍ରୀ ସୌନ୍ଦର୍ଯ୍ୟ
ବେଗି ଆସି ଗ୍ରୀଷ୍ମ ଜାଳି ଦେଉଅଛି
ବସନ୍ତ ଶୀରି ପ୍ରାଚୁର୍ଯ୍ୟ ।
ବସନ୍ତରେ ଏବେ ଗ୍ରୀଷ୍ମର ରାଜୁତି ବଢୁଛି
ଦିନରେ ତାତି
ସତେକି ସାଧିବ ଖରା କନ୍ଦେଇବ
ଜାଗୁଛି ମନରେ ଭୀତି ।
ପୁଣି ଅହେତୁକ ଭୟ ଜାଗେ
ମନେ ପ୍ରାଣ ହୁଏ ସନ୍ତାପିତ
ଖରା ପାଇଁ ଆଜି କେତେ ଦହଗଞ୍ଜ
ଶଙ୍କା ମନେ ବିଳପିତ ।
ଗ୍ରୀଷ୍ମ ପାଇଁ ବର୍ଷା ଆସେ ସୁନିଶ୍ଚିତ
ତଥାପି ଆଗୁଆ ଆସି
ଦେଉଅଛି ଦୁଃଖ ହଜାଉଛି ସୁଖ
ବସନ୍ତେ ରୌଦ୍ର ପ୍ରକାଶି ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬



### ଶିଖରେ ଶିଖ

**ନୀଳମଣି ଚାନ୍ଦ**

ଅଜା ଡାକିଲେ ଆଉ କହିଲେ
ଶୁଣରେ ପିଲେ ଶୁଣ
ଶିଖରେ ଶିଖ ମହୁମାଛିଠୁଁ
ସଞ୍ଚୟ ପରି ଗୁଣ।

ପରିଶ୍ରମ ତ ଭଲ ଗୁଣଟେ
ପିମ୍ପୁଡ଼ି ଠାରୁ ଶିଖ
ସାନ ହୋଇ ବି ପାରୁଛି ଚଢ଼ି
ପରବତର ତୀଖ।

ନଈଠୁଁ ଶିଖ ଆଗକୁ ଯିବା
ପଛକୁ ଯେ ନ ଚାହିଁ
ଲକ୍ଷ୍ୟଟି ରଖି ଲକ୍ଷ୍ୟସ୍ଥଳରେ
ପହଞ୍ଚି ଯିବା ପାଇଁ।

ନରଖି ଭେଦ ସବୁଠି ମିଶ
ଶିଖିବା ରବି ଦେଖି
ମେଘ ପାଖରୁ ଦେବାଟି ଶିଖ
ନିଅ ଖାତାରେ ଲେଖି।

ଭୂଇଁଠୁ ଶିଖ ସହିବା ଗୁଣ
ଭାରି ବଢ଼ିଆ ସିଏ
ଶିଖିବା ପାଇଁ ବହିରୁ ଜ୍ଞାନ
ମନା କରନି କିଏ।

ଶିଖରେ ଶିଖ ଆହୁରି ଶିଖ
ନ ହେଉ ତା'ର ଶେଷ
ନିଜ ଉନ୍ନତି, ପ୍ରଗତି ସାଥେ
ଉନ୍ନତ ହେବ ଦେଶ ।

+ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ଉପଦେଶ ବୁଝି ବିଚାରିକି ମାନିବା

**ସନ୍ତୋଷ କୁମାର ଅଦାବର**

ସେଦିନ ଥିଲା ରବିବାର। ସ୍କୁଲ ଛୁଟି ଦିନ । ପ୍ରାୟ ସକାଳ ଦଶଟା ହେବ ଘର ବାରଣ୍ଡାରେ ବସି ବାପା ବହିଟିଏ ପଢୁଥାଆନ୍ତି । ତାଙ୍କର ଆଠ ବର୍ଷର ପୁଅ ରାଜୁ ବାପାଙ୍କ ପାଖକୁ ଆସି କିଛି ଗୋଟିଏ ପଚାରିବା ଭଳି ହେଉଥାଏ । ବାପା ରାଜୁର କଥା ଠିକ୍ ବୁଝି ପାରନ୍ତି । ତେଣୁ ସେ ତାକୁ ପଚାରିଲେ- ରାଜୁ, ଆଜିର ଘରକାମ ସବୁ କରି ସାରିଲୁଣି । ରାଜୁ ହଁ କଲା। ପୁଣି ବାପା ପଚାରିଲେ- ତୋର କିଛି ପାଠ ସମ୍ପର୍କିତ ଅବୁଝା ବା ସନ୍ଦେହ ଅଛି କି ? ରାଜୁ ନା କଲା । ତେବେ ତୋର ନିଶ୍ଚିତ କିଛି ଜିଜ୍ଞାସା ଅଛି ପଚାର ବୋଲି ବାପା କହିଲେ ।

ରାଜୁ ପଚାରିଲା- ଆମ ସ୍କୁଲରେ ଆମ ଶ୍ରେଣୀ ଶିକ୍ଷକ କହୁଥିଲେ ଯେ ଆମେ ବଡ଼ ମାନଙ୍କ କଥା ମାନିବା ଏକ ଭଲ ଅଭ୍ୟାସ। ଏହା ଦ୍ୱାରା ଆମର ମଙ୍ଗଳ ହୋଇଥାଏ । ତା'ପରେ ବାପା କହିଲେ- ତୋର ଶ୍ରେଣୀ ଶିକ୍ଷକ ଠିକ୍ କହିଛନ୍ତି । ଏଥିରେ କିଛି ସନ୍ଦେହ ନାହିଁ। ପୁଣି ରାଜୁ ପଚାରିଲା- ବାପା, ଆମେ ସବୁ ବଡ଼ ମାନଙ୍କ ସବୁ କଥା ମାନିପାରିବା ସମ୍ଭବ ହେଉ ନାହିଁ । ବାପା ରାଜୁର ଅବୋଧ କଥା ଏବଂ ପ୍ରଶ୍ନକୁ ବୁଝିପାରି କହିଲେ- ତୁ ଠିକ୍ କହିଛୁ । ସବୁବେଳେ ଏବଂ ସବୁ କଥାକୁ ମାନି ହୁଏ ନାହିଁ । ବେଳେ ବେଳେ ବଡ଼ମାନେ ତାଙ୍କର କିଛି ଭୁଲ୍ କହି ଦେଇଥାଆନ୍ତି ଏବଂ ମାନିବା ପାଇଁ ତାଗିଦ କରିଥାଆନ୍ତି। ସେଭଳି କଥା ଆମେ ମାନିଲେ ଅସୁବିଧାର ସମ୍ମୁଖୀନ ହୋଇଥାଉ । ଏହି କଥାକୁ ଆହୁରି ଭଲ ଭାବରେ ବୁଝାଇ ବାପା ଏକ ଗପ ଆରମ୍ଭ କଲେ ।

ଗୋଟିଏ ଜଙ୍ଗଲରେ ଏକ ଗାତରେ ଠେକୁଆଟିଏ ତା'ର ଦୁଇଟି ଛୁଆ ସହ ରହୁଥାଏ । ଛୁଆ ଦୁଇଟା ଛୋଟ ଥିବାରୁ ହିଂସ୍ରଜନ୍ତୁଙ୍କ ଭୟରେ ବାହାରକୁ ଯିବାକୁ ମାଆ ଠେକୁଆଟି ବାରଣ କରେ । ସେ ନିଜେ ଦୂରକୁ ଯାଏ ଏବଂ ନିଜର ଖାଦ୍ୟ ଖାଇସାରି ଗାତକୁ ଫେରିଆସେ । ଛୁଆ ଦୁଇଟି ଅଳ୍ପ ଅଳ୍ପ ଖାଉଥିବାରୁ ସେମାନେ ସେ ଗାତ ଆଖ ପାଖରେ ଖାଇ ପୁଣି ଗାତକୁ ଫେରିଆସି ମାଆ ଆସିବା ଯାଏଁ ଲୁଚିରହନ୍ତି । ମାଆ ଠେକୁଆ କହେ- ବାହାରକୁ ଜମାରୁ ଯିବନି । ହିଂସ୍ର ଜୀବ ମାରିକି ଖାଇଦେବେ । ମାଆର କଥାକୁ ଛୁଆ ଦ୍ୱୟ ମାନିକି ଥାଆନ୍ତି ।


ଦିନେ ମାଆ ଠେକୁଆ ବାହାରକୁ ଯାଇଥାଏ । ଛୁଆ ଦୁଇଟି ତାଙ୍କର ଗାତ ଆଖପାଖରେ କିଛି ଖାଦ୍ୟ ଖାଇ ଫେରି ଆସି ଦେଖିଲେ ଗାତ ଭିତରେ କିଛି ଗୋଟିଏ ଅଛି । ସେମାନେ ଭୟ କରି ସେ ପାଖରେ ଥିବା ଆଉ ଏକ ବୁଦା ମୂଳରେ ଲୁଚିଥାନ୍ତି । ଠିକ୍ ଏତିକିବେଳେ ମାଆ ଠେକୁଆ ଆସି ଦେଖିଲା ଛୁଆ ଦୁଇଟା ବୁଦା ମୂଳରେ ଅଛନ୍ତି। କିଛି ନ ପଚାରି ସେ ଦୁହିଁକୁ ମାଆ ଠେକୁଆଟି ରାଗିଗଲା ଓ କହିଲା- ଏ ବୁଦାମୂଳେ କ'ଣ କରୁଛ ? ଆସ ଆମ ଗାତକୁ ଯିବା। ତାଙ୍କ ଠାରୁ ସବୁ ଶୁଣି ସେ ଯେତେବେଳେ ସେ ଗାତ ପାଖକୁ ଗଲା ଦେଖିଲା ଏକ ସାପ ତାଙ୍କର ଗାତ ଭିତରେ ଅଛି । ସେ ଭୟରେ ତା ଛୁଆମାନଙ୍କ ପାଖକୁ ଆସି ସେ ବୁଦା ମୂଳରେ ତିନିଜଣ ଛପି ରହିଲେ । ସାପଟିର ଗତିବିଧି ମାଆ ଠେକୁଆ ଲକ୍ଷ୍ୟ କରୁଥାଏ। କିଛି ସମୟ ପରେ ସାପଟି ସେ ଗାତରୁ ବାହାରି ଅଲଗା ଆଡ଼େ ଚାଲିଗଲା । ତଥାପି ସେମାନେ ସେ ଗାତରେ ରହିଲେ ନାହିଁ । କାଳେ ସେ ଆସିଯିବ ଭାବିକି ସେମାନେ ଅନ୍ୟ ଏକ ସୁରକ୍ଷିତ ସ୍ଥାନକୁ ଚାଲିଗଲେ । ମାଆ ଠେକୁଆ ମନେ ମନେ ଭାବୁଥାଏ ମୋ ଛୁଆମାନେ ଯଦି ଆଜି ଗାତରେ ଥିବା ବେଳେ ଯଦି ସାପଟି ଆସି ଯାଇଥାନ୍ତା, ତେବେ ସବୁ......

ଗପଟି କହି ସାରିବା ପରେ ବାପା ରାଜୁକୁ ପଚାରିଲେ- ଏ ଗପରୁ ଆମେ କ'ଣ ଶିଖିଲେ ? ରାଜୁ ଅଳ୍ପ ଅଳ୍ପ ବୁଝିପରିଲା କିନ୍ତୁ ସାରକଥା କହିବାରେ ଅସମର୍ଥ ହେବାରୁ ବାପା କହିଲେ-

ବୟସରେ ବଡ଼ମାନେ ସବୁବେଳେ ସାନମାନଙ୍କୁ ଭଲ ଉପଦେଶ ଦେଇଥାଆନ୍ତି ସାନମାନଙ୍କର ମଙ୍ଗଳ ପାଇଁ। କିନ୍ତୁ ଉପଦେଶ ଦେବା ଅର୍ଥ ନୁହେଁ ତାଙ୍କୁ ଭୟକରାଇ ମାନିଯାଆ ବୋଲି କହିବା । ମାଆ ଠେକୁଆ ପ୍ରକୃତ କଥାଟି ନ ଜାଣି ତା' କଥା ମାନିଲେନି ବୋଲି ଛୁଆ ଦୁଇଟିକୁ ରାଗିଗଲା ।

କିନ୍ତୁ ଠେକୁଆ ଛୁଆମାନେ ଉପସ୍ଥିତ ବୁଦ୍ଧି ଦ୍ୱାରା ସାପ ଠାରୁ ବଞ୍ଚିଗଲେ । ଗୁରୁଜନଙ୍କର ଭଲ କଥା ମାନିଲେ ଆମର ହିତ ହୋଇଥାଏ,କିନ୍ତୁ ଗୁରୁଜନମାନେ ଆମକୁ ଭୟକରାଇ ଭୁଲ୍ କଥା ମାନିବାକୁ କହିଲେ ନ ଡରି ଆମେ ତାଙ୍କୁ ଠିକ୍ କଥାଟି କହିବା । ଯିଏ ଆମର ହିତାକାଂକ୍ଷୀ ସେ ନିଶ୍ଚିତ ଭାବରେ ଭଲ ଉପଦେଶ ଦେବେ। ଯଦି ଆମକୁ ବଡ଼ମାନଙ୍କ ଭଲକଥା ବୁଝିବାରେ ଅସୁବିଧା ହୁଏ, ତେବେ ଆମ ବାପାମାଆଙ୍କୁ ଠିକ୍ କି ଭୁଲ୍ ପଚାରି ପାଳନ କରିବା। ଏସବୁ ଶୁଣି ରାଜୁ ଭଲ ଭାବରେ ବୁଝି ପାରିଲା ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮



## ଖଣି ବିଭାଗ ଦ୍ୱାରା ଚୋରା ମାଟି ଓ ବାଲି ବୋଝେଇ ଗାଡି ଜବତ

କେନ୍ଦ୍ରାପଡା ,୦୭/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଖାଦାନ ଓ ସରକାରୀ ଜମିରୁ ବେଆଇନ ଭାବେ ବାଲି ଓ ଚୋରା ମାଟି ଚାଲାଣ ହେଉଥିବାର ଖବର ପାଇବା ପରେ ଜିଲ୍ଲପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଜିଲ୍ଲା ଖଣି ଅଧିକାରୀ ରଞ୍ଜିତ କୁମାର ବେହେରା ଗୁରୁବାର ସକାଳେ ଇନ୍ଦୁପୁର ଠାରୁ ଚୋରା ବାଲି ନେଇ ଯାଉଥିବା ଏକ ଟ୍ରାକ୍ଟରକୁ ଜବତ କରିବା ସହିତ କୂଳସାହି ସରକାରୀ ଯାଗାରୁ ମାଟି ଉଠାଉଥିବା ଏକ ହାଇୱାକୁ ଜବତ କରି ଥାନାରେ ଜିମା ଦିଆ ଯାଇଛି । ଜିଲ୍ଲା ଖଣି ଅଧିକାରୀ ଶ୍ରୀ ବେହେରା ଚୋରା ମାଟି ଓ ବାଲି ଉଠାଉଥିବା ଗାଡି ବାଲାଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖି ସେମାନଙ୍କ ଠାରୁ ଜରିମାନା ଆଦାୟ କରୁଥିବା ପ୍ରକାଶ କରିଛନ୍ତି ।

# ହରେକୃଷ୍ଣ ମହତାବଙ୍କ ଜନ୍ମ ଶତବାର୍ଷିକୀ ପାଳିତ

ପୁରୀ,୦୭/୩ (ନି.ପ୍ର): ଉତ୍କଳ କେଶରୀ ଡଃ. ହରେକୃଷ୍ଣ ମହତାବ ନବ ଉତ୍କଳ ର ନିର୍ମାତା ଥିଲେ। ତାଙ୍କ ସଂଗ୍ରାମମୟ ବୈପ୍ଳବିକ ଭୂମିକା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା। ଆଜି ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି, କାକଟପୁର ଙ୍କ ମିଳିତ ଆନୁକୂଲ୍ୟରେ ପୁରୀ ଜିଲ୍ଲା ସ୍ତରୀୟ ଡଃ ହରେକୃଷ୍ଣ ମହତାବଙ୍କ ଜନ୍ମ ଶତବାର୍ଷିକୀ (୧୨୫ ବର୍ଷ ପୂର୍ତ୍ତି) ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଡଃ. ମହତାବଙ୍କ ଜୀବନୀ ସମ୍ପର୍କରେ ବିଷଦ ବର୍ଣ୍ଣନା କରି ସେ ଆର୍ଥିକ ଭାବେ ସୁଦୃଢ ଥିଲେ ମଧ୍ୟ ଦେଶ ସେବା ଓ ସମାଜସେବା ପାଇଁ ଆଗେଇ ଆସିଥିଲେ। ସ୍ୱାଧୀନତା ସଂଗ୍ରାମ, ଗଡ଼ଜାତ ଅଂଚଳର ମିଶ୍ରଣ ସହ ଓଡ଼ିଶାର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ।ତାଙ୍କ ଆଦର୍ଶ, ତ୍ୟାଗ ଓ ସେବା ଯୁଗ ପରେ ଯୁଗ ସମାଜକୁ ପ୍ରେରଣା ଦେଇ ଆସୁଥିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଡଃ. ମହତାବଙ୍କ ଜୀବନୀ, ଚରିତ୍ର ଓ ଆଦର୍ଶ ସମାଜକୁ ପ୍ରଭାବିତ କରିଛି। ଏକ ସମୃଦ୍ଧ ଓ ସଶକ୍ତ ଓଡିଶା ଗଠନରେ ତାଙ୍କ ଭୂମିକା ସଦା ଔଜ୍ଜ୍ୱଲ୍ୟମାନ। ଆମେ ତାଙ୍କ ଆଦର୍ଶରୁ କିଛି ଯଦି ନିଜ ଜୀବନରେ ଉପଯୋଗ କରିପାରିବା ତେବେ ସମାଜ ଶୃଙ୍ଖଳିତ ଓ ସମୃଦ୍ଧ ହୋଇ ପାରିବ ବୋଲି କହିଥିଲେ। ଶିକ୍ଷାବିତ ପ୍ରଫେସର କୈଳାସ ଚନ୍ଦ୍ର ଟୀକାୟତରାୟ ମୁଖ୍ୟବକ୍ତା ଭାବେ ଆଦର୍ଶବାନ ଓ ଉଚ୍ଚ ମୂଲ୍ୟବୋଧ ବ୍ୟକ୍ତିତ୍ୱ ମାନେ ସଦା ଅମର ଓ ସମାଜକୁ ପ୍ରେରଣା ଦେଇଥାନ୍ତି। ପୂଜ୍ୟପୂଜାର ଏହି ପରମ୍ପରା ଆମ ଉତର ପିଢ଼ୀକୁ ସଦା ଉଦବୁଦ୍ଧ କରୁଥିବ ବୋଲି କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ ସ୍ୱପ୍ନେଶ୍ୱର ସାହୁ, ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ, ଉତ୍କଳ ସଂଗ୍ରାମୀ ସମିତିର ସାଂସ୍କୃତିକ ସମ୍ପାଦକ ରବିନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଡଃ. ମହତାବଙ୍କ ସ୍ମୃତି ଚାରଣ କରିବା ସହ ସ୍ୱାଧୀନ ଭାରତର ଏକତା ଓ ସଂହତି ପ୍ରତିଷ୍ଠା ଦିଗରେ ଡଃ. ମହତାବଙ୍କ ପ୍ରଚେଷ୍ଟା ଅନନ୍ୟ। ତାଙ୍କ ସଂଗ୍ରାମୀ ମନୋଭାବ ଯୁବ ସମାଜକୁ ଚିରଦିନ ଅନୁପ୍ରାଣିତ କରୁଥିବ ବୋଲି କହିଥିଲେ। ଏଥିରେ ଉତ୍କଳ ସଂଗ୍ରାମୀ ସମିତିର ସଭାପତି ଅମୀୟ କୁମାର ପଟ୍ଟନାୟକ ଅଧକ୍ଷତା କରିବା ସହ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ଅସ୍ତରଙ୍ଗରେ ଲବଣ ସତ୍ୟାଗ୍ରହ ମାଧ୍ୟମରେ ଯେଉଁ ଦେଶ ସେବା କରାଯାଇଥିଲା ତାହାକୁ ଡଃ. ହରେକୃଷ୍ଣ ମହତାବ ସମର୍ଥନ ସହ ସଂଗ୍ରାମୀଙ୍କ ମନୋବଳ ବଢାଇଥିଲେ ବୋଲି ସେ ସୂଚନା ଦେଇଥିଲେ।

ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ହରେକୃଷ୍ଣ ମହତାବଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲବଣ ସତ୍ୟାଗ୍ରହୀ ସ୍ୱର୍ଗତ ବଳରାମ ବସ୍ତିଆ, ସାଧୁ ଚରଣ ଛାଟୋଇ, ଦାସ ମହାନ୍ତି, ଭୋବନୀ ନାୟକ, ନୀଳମଣି ବେହେରା ଓ ଦୁର୍ଗା ଚରଣ ମହାପାତ୍ରଙ୍କୁ ମରଣୋତର ଭାବେ ସେମାନଙ୍କ ଦାୟାଦଙ୍କ ମାଧ୍ୟମରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଦ୍ୟାଳୟ ସ୍ତରର କୁଇଜ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଦଶମ ଶ୍ରେଣୀ ଶିଶୁଙ୍କ ସମାବର୍ତ୍ତନ ଉତ୍ସବ ପାଳିତ

ଜୟପୁର,୦୭/୩ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁରରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଶେଷ ଦିନ ଶିଶୁଙ୍କ ନିମନ୍ତେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସେଠୀଙ୍କ ଅଧକ୍ଷତାରେ ଏକ ସମାବର୍ତନ ଉତ୍ସବର ଆୟୋଜନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ଦଶମ ଶ୍ରେଣୀର ସମସ୍ତ ଶିଶୁ, ବିଦ୍ୟାଳୟରେ ଶିକ୍ଷା ଦାନ ଦେଉଥିବା ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । ଏହି ସମାବର୍ତନ ଉତ୍ସବରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ରୂପେ ସୁରେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଉଚ୍ଚ ବାଳକ ବିଦ୍ୟାଳୟ, ଜୟପୁର ଯୋଗ ଦେଇଥିଲେ । ସେହିପରି ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ଡ. ମନୋରଂଜନ ପ୍ରଧାନ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଦୁର୍ଗା ପ୍ରସାଦ ଦାଶ, ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପଣ୍ଡା, ଉପ ସଭାପତି ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ମିଶ୍ର, ଦକ୍ଷିଣ ସମ୍ଭାଗର ସଦସ୍ୟା ଶ୍ରୀମତୀ କବିତା ସାହୁ ଏବଂ ମାତୃଭାରତୀର ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ସଭା ଆରମ୍ଭରେ କୁନି କୁନି ଶିଶୁଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହା ପରେ ଅତିଥି ଶ୍ରୀଯୁକ୍ତ ସୁରେନ୍ଦ୍ର ପଟ୍ଟନାୟକ ଶିଶୁଙ୍କୁ ଆଗାମୀ ଭବିଷ୍ୟତ ପାଇଁ ନିଜକୁ କିପରି ପ୍ରସ୍ତୁତ କରିପାରିବେ ସୁନ୍ଦର ଭାବରେ ନିଜର ଅଭିଭାଷଣରେ ଉପସ୍ଥାପନ କରିଥିଲେ । ସେହିପରି ଡ. ମନୋରଂଜନ ପ୍ରଧାନ ଶିଶୁଙ୍କୁ କ୍ୟାରିୟର୍ କାଉନସ୍ଲିଂ ଉପରେ ନିଜର ମତ ପ୍ରଦାନ କରିଥିଲେ ଏବଂ ଶିଶୁଙ୍କୁ ବିଦ୍ୟାଳୟକୁ ଭୁଲି ନ ଯିବା ପାଇଁ ତଥା ନିଜର ଆଦର୍ଶ ଓ ନୀତିକୁ ପାଳନ କରିବା ପାଇଁ ପ୍ରେରିତ କରିଥିଲେ । ଅନ୍ୟ ଅତିଥିମାନେ ମଧ ଶିଶୁଙ୍କୁ ସେମାନଙ୍କ ଶିକ୍ଷାକୁ ବଜାଇ ରଖିବା ତଥା ସଂସ୍କୃତିକୁ ନ ଭୁଲିବା ନିମନ୍ତେ ନିଜର ବକ୍ତବ୍ୟ ମାଧ୍ୟମରେ ପରିବେଷଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସେଠୀ ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଶିଶୁଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ପଣ୍ଡା ଶିଶୁଙ୍କୁ କିପରି ଆଗାମୀ ଭବିଷ୍ୟତରେ ଆସୁଥିବା ଆହ୍ୱାନର ମୁକାବିଲା କରିପାରିବେ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ । ଶିଶୁ ଭାଇ ଭଉଣୀମାନେ ବିଦ୍ୟାଳୟରୁ ପାଇଥିବା ଅନୁଭୂତି ବିଷୟରେ ଜଣାଇଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ ରାମଚନ୍ଦ୍ର ମହାନ୍ତି ସଭାକାର୍ଯ୍ୟର ପରିଚାଳନା କରିଥିଲେ ।

# ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ନିମନ୍ତେ ଅଧିକାରୀଙ୍କ ପାଇଁ ଅରିଏଣ୍ଟେସନ କର୍ମଶାଳା

ସୁବର୍ଣ୍ଣପୁର,୦୭/୩ (ନି.ପ୍ର): ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ଅଧିକାରୀଙ୍କୁ ନେଇ ଜିଲ୍ଲା ସ୍ତରୀୟ ଅରିଏଂଟେସନ କର୍ମଶାଳା ଜିଲ୍ଲା ଜରୁରୀ ଶାଖା ତରଫରୁ ଜିଲ୍ଲାକାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧିକାରୀ ମାନେ ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ କିପରି ଭାବରେ ନିଜ ବିଭାଗକୁ ପ୍ରସ୍ତୁତ ରଖିବେ ସେଥିପାଇଁ ଅନୁଷ୍ଠିତ କର୍ମଶାଳାରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲ୍ଲା ଜରୁରୀ ଶାଖା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜରୁରୀ ଶାଖା ଅଧିକାରୀ କୃଷ୍ଣ ମୋହନ ସିଂହ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଡା. ସରୋଜ କୁମାର ମେହେର, ଡା. ମନୋରଞ୍ଜନ ପଣ୍ଡା, ଡା. ସବ୍ୟସାଚୀ ସାହୁ ପ୍ରମୁଖ ତାଲିମଦାତା ଭାବେ ଯୋଗଦାନ କରି ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ ବିଭାଗ ତଥା ଅଧିକାରୀଙ୍କ ଦାୟିତ୍ୱ, ପ୍ରାକ ପ୍ରସ୍ତୁତି, ପରିଚାଳନା ସହ ଜରୁରୀ ଚିକିତ୍ସା ପରିଚାଳନା ଉପରେ ଆବଶ୍ୟକ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ଜରୁରୀ ଶାଖା ଡି ପି ଓ ବିଶ୍ୱନାଥ ନାୟକ ଗ୍ରୀଷ୍ମପ୍ରବାହର କାରଣ ନିରାକରଣ ତଥା ସଫଳ ଓ ସଠିକ ପରିଚାଳନା ନିମନ୍ତେ ଆବଶ୍ୟକ କାର୍ଯ୍ୟନ୍ୱୟନର ପାୱାର ପଏଂଟ ଉପସ୍ଥାପନ କରିଥିଲେ ।ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ନିଜ ନିଜ ବିଭାଗ ତରଫରୁ ପ୍ରାକ ପ୍ରସ୍ତୁତି ପଦକ୍ଷେପ ଉପରେ ଉପସ୍ଥାପନା କରିଥିବା ବେଳେ ଜିଲ୍ଲା ସ୍ତରୀୟ ଗତ ପ୍ରସ୍ତୁତି ବୈଠକର ଦିଶା ନିର୍ଦ୍ଦେଶ ଅନୁଯାୟୀ ବିଭାଗୀୟ ପ୍ରାକ ପ୍ରସ୍ତୁତିଯୋଜନା ଖସଡ଼ା ଜିଲ୍ଲା କାର୍ଯ୍ୟାଳୟରେ ତୁରନ୍ତ ପ୍ରଦାନ କରିବାକୁ ଜିଲ୍ଲା ଜରୁରୀ ଶାଖା ତରଫରୁ କୁହାଯାଇଥିଲା । ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର ପ୍ରମୁଖ ଅଧିକାରୀଙ୍କ ସହ ବିଭାଗୀୟ ପ୍ରସ୍ତୁତି ଓ ପଦକ୍ଷେପ ଉପରେ ପଚାରି ବୁଝିଥିଲେ। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟାରୁପା ରଥ ସମେତ କାର୍ଯ୍ୟନିର୍ବାହୀ ବିଭାଗର ଅଧିକାରୀ ବୃନ୍ଦ ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ୍‌ଦାର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ

କନ୍ଧମାଳ,୦୭/୩ (ନି.ପ୍ର): ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଓ ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନନୀୟ ସାଂସଦ, କନ୍ଧମାଳ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ କହିଲେ, ଶ୍ରଦ୍ଧା ଓ ବିଶ୍ୱାସର ସହିତ ଯେଉଁ କାର୍ଯ୍ୟ କରାଯାଇଥାଏ ତାହା ସଫଳ ହୋଇଥାଏ । ଏ ସବୁର ମାଧମ ହେଉଛି ସେବା । ବାସ୍ତବିକ୍ ଆଶା ଭଉଣୀମାନେ ସେବାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଶ୍ରଦ୍ଧା ଓ ବିଶ୍ୱାସର ସହିତ କାର୍ଯ୍ୟ କରିଥାନ୍ତି ଯଦିଓ ସେମାନଙ୍କୁ ବହୁତ କମ୍ ପାରିଶ୍ରମିକ ଦିଆଯାଇଥାଏ । ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିଗୁଡ଼ିକ ଜନ ଭାଗିଦାରିତାର ପ୍ରତୀକ । ସେମାନେ ରୋଗ ନିରାକରଣ ଦିଗରେ ଏବଂ ରୋଗ ହେଲାପରେ ଆରୋଗ୍ୟ ପାଇଁ ତୃଣମୂଳ ସ୍ତରରେ ସେବା ଯୋଗାଇଦେଇଥାନ୍ତି । ବିଧାୟକ, କନ୍ଧମାଳ ଉମା ଚରଣ ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଲେ ଯେ, ସେ ଆଶାମାନଙ୍କ ବିରୁଦ୍ଧରେ କେବେ କାହାଠାରୁ କାର୍ଯ୍ୟରେ ଠକୁଥିବା କଥା ଶୁଣିନାହାଁନ୍ତି । ସେମାନେ ଲୋକମାନଙ୍କର ଆଶା ଓ ଭରଶା କହିଲେ ଭୁଲ୍ ହେବ ନାହିଁ । ଜିଲ୍ଲାର ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ଓ ସମସ୍ତ ରୋଗ ନିରାକରଣ ଦିଗରେ ଆଶା ମାନଙ୍କର ପ୍ରସଂଶନୀୟ କାର୍ଯ୍ୟ, ସୁସ୍ଥ ଗାଁ ଓ ସୁସ୍ଥ ପଂଚାୟତ ଗଠନରେ ଅଙ୍ଗନୱାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ ବିଧାୟକ ଶ୍ରୀ ମଲ୍ଲିକ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ପାଢ଼ୀ କହିଲେ, ଆଶା ଭଉଣୀମାନେ ଦେଶର, ରାଜ୍ୟର, ଲୋକମାନଙ୍କର ଏବଂ ସର୍ବୋପରି ସ୍ୱାସ୍ଥ୍ୟ ବିଭାଗର ଆଶା କହିଲେ ଭୁଲ୍ ହେବ ନାହିଁ । କାରଣ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେତେ ଉନ୍ନତି ହେଉଛି ସେଗୁଡ଼ିକ ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ସମ୍ଭବ ହୋଇପାରୁଛି । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ପ୍ରଶନ୍ନ କୁମାର ତ୍ରିପାଠୀ କହିଲେ, ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ ସେବା ଆଶାମାନଙ୍କ ଯୋଗୁଁ ସହଜ ହୋଇପାରୁଛି । ଜିଲ୍ଲାରେ ସର୍ବଶ୍ରେଷ୍ଠ ଆଶା ଭାବେ ସୁବର୍ଣ୍ଣଗିରି ସଏଚ୍‌ସିରେ କାର୍ଯ୍ୟକରୁଥିବା କସ୍ତୁରୀ ସିଂ ପ୍ରଥମ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଠାରୁ ୮ହଜାର ୫୦୦ ଟଙ୍କା ପୁରସ୍କାର ରାଶି ପାଇଥିବା ବେଳେ, ଖଜୁରୀପଡ଼ା ସିଏଚସି ରେ କାର୍ଯ୍ୟ କରୁଥିବା ମିନତି ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରି ୭ ହଜାର ୫୦୦ ଟଙ୍କା ପୁରସ୍କାର ରାଶି ପାଇଛନ୍ତି । ସେହିପରି କ. ନୂଆଗାଁ ଓ ଦାରିଙ୍ଗିବାଡ଼ି ସିଏଚସିରେ କାର୍ଯ୍ୟ କରୁଥିବା ସୁରତି ନାୟକ ଓ ଲକ୍ଷ୍ମି ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପ୍ରତ୍ୟେକେ ୭ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପାଇଛନ୍ତି । ଦଡ଼କିଙ୍ଗିଆ, ଲମ୍ବାଗୁଡରୀ, ଜାମପଦର, କୋଟଗଡ଼, ଟଙ୍ଗରପଦର, ହାଟପଦର, ରାମାଡ଼ି, ବୁଡେର୍ଡିପଡ଼ା, ଗଦଗୁଡ଼ା, ଶ୍ରାନିକେତା, ଜାର୍ଗିସୁଗା ଓ ପାଣ୍ଡରିସିମା ଗାଁ ଆଦି ୧୨ଟି ଗାଁ କଲ୍ୟାଣ ସମିତି ଏବଂ ନଦୀଖଣ୍ଡି ସାହି, ଆମ୍ବପଡ଼ା, ଜିରିଙ୍ଗପଡ଼ା, କାଚରାସାହି, ପିଅନପଡ଼ା, ଡାମିଗାଁ, ଝାଙ୍କରସାହି ଓ ସାଲୁଙ୍କିସାହି ସାହି ଆଦି ୮ଟି ମହିଳା ଆରୋଗ୍ୟ ସମିତି, କଟିମାହା, ର.ନୂଆଗାଁ, ମାସିରିପଡ଼ା, ନିଲୁଙ୍ଗିଆ, ବଣ୍ଡଗୁଡ଼ା, ସୁଗଡ଼ବାଡ଼ି, ମିଣିଆ, ଜଳେଶପଟ୍ଟା, ପରମପାଙ୍ଗା, କୋଟଗଡ଼, ପରତମାହା ଓ ବରଡ଼ାଖୋଲ ଆଦି ୧୨ଟି ଜନ ଆରୋଗ୍ୟ ସମିତି ସୁସ୍ଥ ସମାଜ ଗଠନରେ ଗୋଷ୍ଠୀ ସହଭାଗିତାରେ ପୁରସ୍କୃତ ହୋଇଥିଲେ ।

ଏହି ସମ୍ମିଳନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁ ଓ ଦେବାଶିଷ ମିଶ୍ର ପରିଚାଳନା କରିଥିବାବେଳେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ଅରୋବିନ୍ଦ ଦାଶ, ଜିଲ୍ଲା ଚିକିତ୍ସା ଅଧିକାରୀ ଭେଷଜ ସେବା ତଥା ଅଧୀକ୍ଷକ ଡା. ଅକ୍ଷୟ କୁମାର ସାହୁ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଆଶିଷ କୁମାର ମହାନ୍ତି, ଆଶା ପରିଚାଳକ ଶ୍ରୀମତୀ ଯଶସ୍ୱିନୀ ସାହାଣୀ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଓ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଶେଖର ପ୍ରଧାନ, ତଥ୍ୟ ପରିଚାଳକ ପ୍ରେମଜିତ୍ ତ୍ରିପାଠୀ, ଗୁଣବତା ପରିଚାଳକ ଦୁଷ୍ମନ୍ତ ସୁତାର, ଭେକ୍ଟରବାହିତ ରୋଗ ପରାମର୍ଶଦାତା କୁମୁଦ ଚନ୍ଦ୍ର ସାହୁ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ମହିଳା ଆରୋଗ୍ୟ ସମିତି ସଭ୍ୟା, ଜନ ଆରୋଗ୍ୟ ସମିତି ସଭ୍ୟା ପଂଚାୟତ ସମ୍ପ୍ରସାରଣ ଅଧିକାରୀ, ୱାର୍ଡ ମେମ୍ବର ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।

# ମହିଳା ଉଦ୍ୟୋଗୀ ସଚେତନତା କର୍ମଶାଳା

ପୁରୀ ,୦୭/୩ (ନି.ପ୍ର): ମହିଳା ମାନଙ୍କୁ ସଶକ୍ତ, ଆତ୍ମନିର୍ଭରଶୀଳ ଓ ଆର୍ଥିକ ସମୃଦ୍ଧ କରିବା ପାଇଁ ସରକାର ବିବିଧ ପଦକ୍ଷେପ ନେଇଛନ୍ତି ।ତେବେ ବୈଷୟିକ ଦକ୍ଷତା ଅଭାବ ଏବଂ ସାଇବର ଅପରାଧ ର ଭୟ ସେମାନଙ୍କ ପାଇଁ ବାଧକ ସାଜୁଛି ।ଏ ସମ୍ପର୍କରେ ସେମାନ ଙ୍କୁ ସଚେତନ କରାଇ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଦେବାକୁ ଏକ ଦିନିକିଆ କର୍ମଶାଳା ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପୁରାଣ ଓ ଇତିହାସ ରେ ମହିଳା ସଶକ୍ତିକରଣ ର ଉଦାହରଣ ଦେବା ସହ ବର୍ତମାନ ଦେଶର ଅର୍ଥନୀତି କୁ ମଧ ଜଣେ ମହିଳା ସୁନ୍ଦର ଭାବେ ସମ୍ଭାଳିଛନ୍ତି ବୋଲି କହି ସଚେତନ ହେବା, ଆର୍ଥିକ ନିୟମ ସମ୍ପର୍କରେ ଅବଗତ ହେବା ଓ ଆବଶ୍ୟକ ହେଲେ ବ୍ୟାଙ୍କର ଓ ଅନ୍ୟ ଆର୍ଥିକ ବିଶାରଦ ମାନଙ୍କ ସହଯୋଗ ନେଇ ନିଜକୁ ସମୃଦ୍ଧ କରିବାକୁ ଅନୁରୋଧ କରିଥିଲେ। ବିଜିନେସ ମ୍ୟାନେଜର ସୂର୍ଯ୍ୟ କାନ୍ତ ମହାରଣା, ଆଇସିଆଇସିଆଇ ବ୍ୟାଙ୍କ ର ଶାଖା ପରିଚାଳକ ଦେବବ୍ରତ ଆଚାର୍ଯ୍ୟ, ରିଜିଓନାଲ ମ୍ୟାନେଜର ସୌରଭ ମିଶ୍ର ଆର୍ଥିକ ଅନ୍ତର୍ଭୁକ୍ତି, ନେଣ ଦେଣ, ବ୍ୟାଙ୍କ ଋଣ, ଆର୍ଥିକ ନିୟମ, ସାଇବର ସୁରକ୍ଷା ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ।

OFFICE OF THE SUPERINTENDING ENGINEER
MINOR IRRIGATION DIVISION, JASHIPUR
GOVERNMENT OF ODISHA
"e"-PROCUREMENT NOTICE
BID IDENTIFICATION No: 08 MID (JSP/2024-25)

1. Name of the Inviting Officer:-Superintending Engineer, Minor Irrigation Division, Jashipur
2. Name of the Work:- Renovation of MIPs in Jashipur Block of Mayurbhanj District.
3. No. of Works:- 2 (two) Nos.
4. Tender Amount Varies From:- 16.78 lakhs to 20.93 lakhs
5. Date and Time of Availability of BID Document in the Portal for online Bidding from: - 10.00hrs Dt.10.03.2025 to 17.00hrs Dt.19.03.2025
6. Last Date and Time of receipt of Bids in the Portal:- 17.00hrs Dt.19.03.2025
7. Last Date and Time for clarification up to: - 17.00hrs Dt.19.03.2025
8. Date of opening of Bid: - 11.00hrs onwards Dt.20.03.2025

The detail tender call notice can also be seen in the DOWR website: http://dowrorissa.gov.in

Name & Address of the OIT : Superintending Engineer, M.I. Division, Jashipur, At/PO-Khairi /Dist: Mayurbhanj PIN-757091, E-Mail:-eemijashipur@yahoo.com

Further details can be seen from the e-Procurement market place. : http://tenderorissa.gov.in

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Superintending Engineer
M.I Division, Jashipur

OIPR: 32282/11/0008/2425

# ଗ୍ରୀଷ୍ମ ପ୍ରବାହ ପ୍ରତିକାର ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା,୦୭/୩ (ନି.ପ୍ର): ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପ୍ରତିକାର ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି ଓ ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବା ନିମନ୍ତେ ଏହି ବୈଠକରେ ଆଲୋଚନା ହୋଇଥିଲା ଓ ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ପିଇବା ପାଣି ଟାଙ୍କିର ବ୍ୟବସ୍ଥା କରାଯିବା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ପୌର ପରିଷଦର ନିର୍ବାହୀ ଅଧିକାରୀ ଏବଂ ବିଡିଓମାନେ ଏଥି ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା, ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଜଳଛତ୍ର ଖୋଲିବା ସହ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବାର ବ୍ୟବସ୍ଥା କରିବା, ନାଳ ତଥା କେନାଲରେ ଆବଶ୍ୟକସ୍ଥଳେ ପାଣି ଛାଡିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପିଲାମାନଙ୍କୁ ସାଙ୍ଗରେ ପାଣି ବୋତଲ ଆଣି ଆସିବାକୁ ପରାମର୍ଶ ଦେବା ସହ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ଗର୍ଭବତୀ ମାମାନଙ୍କୁ ସତର୍କତା ଅବଲମ୍ବନ କରିବା, ପରିବହନ ଅଧିକାରୀଙ୍କୁ ଯାତାୟତ ବସରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦିଆଯାଇଥିଲା ଓ ବିଦ୍ୟୁତ ବିଭାଗକୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସହ ଆବଶ୍ୟକସ୍ଥଳେ ବିଦ୍ୟୁତ କାଟ କରିବା ପୂର୍ବରୁ ଡାକବାଜି ଯନ୍ତ୍ର ଯୋଗେ ପ୍ରାକ୍ ସୂଚନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଓ ସ୍ୱାସ୍ଥ୍ୟ ବିଭାଗ ଥରଫରୁ ଓ.ଆର.ଏସ. ଏବଂ ଆବଶ୍ୟକୀୟ ଔଷଧ, ସ୍ୱତନ୍ତ୍ର ଅଂଶୁଘାତଜନିତ ୱାର୍ଡ ଏବଂ ଅଂଶୁଘାତଜନିତ ମୃତ୍ୟୁକୁ ତହସିଲଦାର ଏବଂ ମେଡ଼ିକାଲ ଅଫିସରଙ୍କ ମିଳିତ ଅନୁସନ୍ଧାନ ପରେ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲାଓଆସନ୍ତା ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଏକ ଆପାତକାଳୀନ କଂଟ୍ରୋଲ ରୁମ ପରିଚାଳିତ କରି ଜନସାଧାରଣଙ୍କ ଆବଶ୍ୟକ ଅନୁଯାୟୀ ସାହାଯ୍ୟ ଯୋଗାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ନିୟମ ଅନୁଜେ ସରକାରଙ୍କ ପ୍ରଦତ୍ତ ଗାଇଡଲାଇନ ଅନୁସାରେ ଗଣମାଧ୍ୟମର ସହାୟତାରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା ।

## କୁଚିଣ୍ଡା ବ୍ଲକରେ ସୁଭଦ୍ରା ପଥପ୍ରାନ୍ତ ସଭା

ସମ୍ବଲପୁର,୦୭/୩ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ କୁଚିଣ୍ଡା ଆନୁକୂଲ୍ୟରେ ମାର୍ଚ୍ଚ ୬ ତାରିଖ ସକାଳ ୮ ଟାରୁ ତିନି ଗୋଟି ସ୍ଥାନରେ ଯଥା, କୁଚିଣ୍ଡା ଏନ ଏ ସି ର ଜ୍ୟୋତି ପଡା,ଲାଡ ଓ ସାତକମା ଗ୍ରାମରେ ସୁଭଦ୍ରା ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତି ପଡା ଠାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି ରାଜଶ୍ରୀ ପରିଡା, ନିର୍ବାହୀ ଅଧିକାରୀ ଏନ୍ ଏ ସି ଗୌରବ ପ୍ରଧାନ, ସୁପରଭାଇଜର ଆରତୀ ପଟେଲ, ସୁଭଦ୍ରା ସହାୟତା ଡେକ୍ସ ରୁବି ପଟେଲ ପ୍ରମୁଖ ଯୋଗଦାନ କରିଥିଲେ।ଲାଡ ଗ୍ରାମରେ ଆଇସିଡିଏସ ସୁପରଭାଇଜର ଯମୁନା ବାଘ, ଯଶୋଦା ଡାଙ୍ଗ ଏବଂ ପୋଷଣ କର୍ମକର୍ତା ହମିତ ପ୍ରଧାନ ଯୋଗଦାନ କରିଥିଲେ। ସାତକମା ଗ୍ରାମରେ ସୁପରଭାଇଜର ଜ୍ୟୋତି ମିଶ୍ର, ସରପଂଚ ପଦ୍ମାବତୀ ପ୍ରଧାନ, ସୁଭଦ୍ରା ସହାୟତା ଡେକ୍ସ ସୌରଭ ପୃଷେଠ, ନଳିନୀ ବାଘ,ସରିତା ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ।ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭା ଗୁଡ଼ିକରେ ଶତାଧିକ ସୁଭଦ୍ରା ହିତାଧିକାରୀ,ଏସ ଏଚ ଜି ସଭ୍ୟା, ଅଙ୍ଗନବାଡ଼ି କର୍ମୀ, ଛାତ୍ରୀ ଓ ଅନ୍ୟାନ୍ୟ କର୍ମକର୍ତା ଯୋଗଦାନ କରିଥିଲେ।

## ସୁଭଦ୍ରା ଯୋଜନାରେ ଜିଲ୍ଲାରେ ୪ ଲକ୍ଷ ହିତାଧିକାରୀ ଉପକୃତ

କେନ୍ଦ୍ରାପଡା ,୦୭/୩ (ନି.ପ୍ର): ରାଜ୍ୟରେ ୧କୋଟି ରୁ ଉର୍ଦ୍ଧ୍ୱ ମହିଳା ସୁଭଦ୍ରା ଯୋଜନାରେ ଉପକୃତ ହୋଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ୩ଲକ୍ଷ ୬୭ ହଜାର ୯୬୫ ଜଣ ହିତାଧିକାରୀ ଉପକୃତ ହୋଇଥିବା ଜଣାପଡିଛି । ଜିଲ୍ଲପାଳ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଗୁରୁବାର ପ୍ରଥମ ପର୍ଯ୍ୟାୟର ପଂଚମ କିସ୍ତି ସହାୟତା ରାଶି ଏହି ମହିଳା ମାନଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ଦ୍ୱାରା ମନୋନୀତହୋଇଥିବା ୨ଜଣ ହିତାଧିକାରି ହୀରା ପଣ୍ଡା ଓ ସଙ୍ଗିତା ବ୍ରହ୍ମଚାରୀ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।

# ଜମିଜମା ବିବାଦକୁ ନେଇ ସମ୍ପର୍କିୟ ଭାଇକୁ ହତ୍ୟା: ଦୁଇ ଅଭିଯୁକ୍ତ ଭାଇଙ୍କୁ ଆଜୀବନ କାରାଦଣ୍ଡ

ଜୟପୁର,୦୭/୩ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ଜିଲ୍ଲା ଦୌରାଜଜ୍ କୋର୍ଟରେ ଗୁରୁବାର ଏକ ହତ୍ୟା ମାମଲାର ଶୁଣାଣି କରାଯାଇ ସମ୍ପର୍କିୟ ଭାଇକୁ ହତ୍ୟା ଅଭିଯୋଗରେ ଦୁଇ ଭାଇଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଜିଲ୍ଲା ତଥା ଦୌରା ଜଜ୍ ପ୍ରଦୀପ କୁମାର ମହନ୍ତ ଏହି ମାମଲାର ବିଚାରଣା କରିବା ସହ ୪ ଜଣ ପ୍ରତ୍ୟେକ୍ଷଦର୍ଶୀଙ୍କ ସମେତ ୧୧ ଜଣଙ୍କ ସାକ୍ଷ୍ୟ, ଡାକ୍ତରଙ୍କ ଶବବ୍ୟବଚ୍ଛେଦ ରିପୋର୍ଟକୁ ଭିତି କରି ରାୟରେ ଅଭିଯୁକ୍ତ ଦୁଇ ଭାଇ କୋଟପାଡ ଥାନା ଶଶାହାଣ୍ଡି ଗ୍ରାମର ଲକ୍ଷ୍ମଣ ହରିଜନ (୩୯) ଏବଂ ଚୈତନ୍ୟ ହରିଜନ (୪୨)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଏବଂ ପ୍ରତ୍ୟକ ୧୦ ହଜାର ଟଙ୍କା ଲେଖାଏଁ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଟଙ୍କା ଅନାଦେୟ ସ୍ଥଳେ ଉଭୟ ଅଧିକ ଏକବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ । ମାମଲା ଅନୁଯାୟୀ, ଗତ ୨୦୨୧ ମହିଲା ଜାନୁୟାରୀ ୮ ତାରିଖ ପୂର୍ବାହ୍ନ ୮ଟା ସମୟରେ ପୂର୍ବରନ ଜମିଜମା ବିବାଦକୁ ନେଇ ମୃତକ ଉକ୍ତ ଗ୍ରାମର ସମ୍ପର୍କିୟ ଭାଇ ଦଶରଥ ହରିଜନ (୩୮)ଙ୍କ ସହିତ ଉଭୟ ଭାଇଙ୍କ ମଧ୍ୟରେ ସ୍ଥାନୀୟ ଗ୍ରାମର ଏନ. ନାଗେଶ୍ୱର ରାଓଙ୍କ ଚା ହୋଟେଲରେ ପାଟିତୁଣ୍ଡ , ମାରପିଟ ଉଭୟଙ୍କ ମଧ୍ୟରେ ହୋଇଥିଲା । କିନ୍ତୁ, ସ୍ଥାନୀୟ ଲୋକଙ୍କ ମଧ୍ୟସ୍ଥିରେ ଉଭୟଙ୍କୁ ନିବୃତ କରାଯାଇଥିଲା । ଏହାପରେ ହୋଟେଲରେ ମୃତକ ଦଶରଥ ରହିଥିବା ବେଳେ ଦୋଷୀ ସାବସ୍ତ୍ୟ ଦୁଇ ଭାଇ ଘରକୁ ଯାଇ ପୁଣି ଉକ୍ତ ଚା ହୋଟଲକୁ ଫେରିଥିଲେ । ଏହାପରେ ଉଭୟଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହୋଇଥିଲା। ଦୋଷୀ ସାବ୍ୟସ୍ତ ବଡ ଭାଇ ଚୈତନ୍ୟ ମୃତକ ଦଶରଥଙ୍କୁ ପଛପଟୁ ଦୁଇ ହାତକୁ ଧରିଥିବା ବେଳେ ସାନ ଭାଇ ଲକ୍ଷ୍ମଣ ଏକ ଛୁରା ସାହାଯ୍ୟରେ ତାଙ୍କର ପେଟ, ଛାତି ଏବଂ ବେକରୁ ବାରମ୍ବାର ଭୁଷିଥିଲେ ଫଳରେ ସେ ସେଠାରେ ତଳେ ପଡିଯାଇଥିଲେ । ଏହିପରି ଭୁଷିବା ସମୟରେ ବଡ ଭାଇ ଚୈତନ୍ୟଙ୍କ ବେକରେ ମଧ ଆଘାତ ଲାଗିଥିଲା ।

# ବସୁଧା ଯୋଜନାର ସଫଳ ରୂପାୟନ ହୋଇପାରୁନି: ପ୍ରକଳ୍ପ ଥାଇ ଲୋକଙ୍କ ଶୋଷ ମେଣ୍ଟୁନି



ଭଦ୍ରକ, ୦୭/୩ (ନି.ପ୍ର): ଗ୍ରାମାଂଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲାଗି ସରକାର ବସୁଧା ଯୋଜନା କରିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହୀନତା ଯୋଗୁଁ ଏହାର ସଫଳ ରୂପାୟନ ହୋଇପାରୁନି । ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ବନ୍ତ ବ୍ଲକର ୨୫ ଟି ପଂଚାୟତର ବିଭିନ୍ନ ଗ୍ରାମରେ ଉକ୍ତ ପ୍ରକଳ୍ପ ନିର୍ମାଣ ହୋଇଛି । ନିର୍ମାଣ ସରିଥିବା ବିଭିନ୍ନ ଗ୍ରାମରେ ଜଳ ଯୋଗାଣ ଆରମ୍ଭରୁ ଆଣ୍ଠେଇ ପଡ଼ିଥିବା ଜଣାପଡ଼ିଛି । ପ୍ରକଳ୍ପ ଥାଇ ସୁଦ୍ଧା ଶୋଷ ମେଣ୍ଟି ପାରୁନାହିଁ। ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳି ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ବନ୍ତ ବ୍ଲକର ବିଭିନ୍ନ ପଂଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଆରଡ଼ବ୍ଲ୍ୟୁଏସଏସ ମାଧ୍ୟମରେ ରାଜ୍ୟ ପଂଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧିନରେ ବସୁଧା ଯୋଜନାରେ ଗ୍ରାମାଂଚଳ ରେ ପାନୀୟ ଜଳ ଯୋଗାଇ ଦେବା ଉଦେଶ୍ୟରେ କୋଟିକୋଟି ଟଙ୍କାରେ ନିର୍ମିତ ପ୍ରକଳ୍ପ ବର୍ତ୍ତମାନ ଫେଲ ମାରିଛି । ବନ୍ତ ବ୍ଲକ ସଦର ମହକୁମାରେ ଦୁଇଟି ପାଣି ଟାଙ୍କି ସହ ପମ୍ପ ହାଉସ ନିର୍ମାଣ ହୋଇଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ ଉକ୍ତ ଟାଙ୍କିଗୁଡ଼ିକରେ ରଙ୍ଗ ମାରି ଅଧିକ ଆକର୍ଷଣୀୟ କରାଯାଉଛି। ହେଲେ ଯୋଜନାର ସଫଳତା ନେଇ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଉକ୍ତ ପାଣି ଟାଙ୍କିରୁ ତହସିଲ କାର୍ଯ୍ୟାଳୟ ସମେତ ଉପନିବନ୍ଧକ କାର୍ଯ୍ୟାଳୟ, ଦୁଇ ଉଚ୍ଚ ବିଦ୍ୟାଳୟ ମହତାବ ଉପ୍ରା ବିଦ୍ୟାଳୟ ବ୍ଲକ କାର୍ଯ୍ୟାଳୟ ବନ୍ତ ବଜାର ସମେତ ପୁରୁଷୋତ୍ତମପୁର, ଦୁର୍ଗାପୁର, ଧନୀଓଝା ଆଦି ଗାଁକୁ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ହେଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନଥିବାରୁ କେଉଁ କାଳରୁ ନିର୍ମାଣ ହୋଇଥିବା ଟ୍ୟାପଗୁଡ଼ିକ ନଷ୍ଟ ହେବାକୁ ବସିଛି। ସେହିପରି କାଦବରାଙ୍ଗ, ବଡ଼ବର୍ଚ୍ଛିକୟାଁ , ଓଡ଼ଙ୍ଗ, ଚାରିଗାଁ ଓ ବିଟିପୁର ଆଦି ବିଭିନ୍ନ ପଂଚାୟତରେ ବସୁଧା ଯୋଜନାରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ ଲୋକଙ୍କ କାମରେ ଆସିପାରୁନାହିଁ । ଗୋଟେ ଗୋଟେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଟ୧୩୫.୯୫ ଲକ୍ଷ ଅଟକଳ ମୂଲ୍ୟରେ ନିର୍ମିତ ହୋଇଥିବାବେଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଓ ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରୁ ପ୍ରକଳ୍ପର ସଫଳ ରୂପାୟନ ହେବା ପରିବର୍ତ୍ତେ ଅର୍ଥ ଚଲୁ ହେଇଯାଉଛି । ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରୁ ପାଇପ୍ ଫାଟି ପାଣି ବୋହିବା ସହ ବହୁ ଜାଗାରେ ପାଣି ପହଂଚି ପାରୁନି । ଏହିସବୁ କାରଣରୁ ଅଂଚଳବାସୀ ବିଶୁଦ୍ଧ ପାନୀୟ ଜଳ ପାଇବା ନେଇ ସନ୍ଧିହାନ ହୋଇପଡ଼ିଛନ୍ତି । ସେହିପରି କାର୍ଯ୍ୟ ଆରମ୍ଭ ପୂର୍ବରୁ କାର୍ଯ୍ୟସ୍ଥଳି ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ବନ୍ତ ବ୍ଲକର ବିଭିନ୍ନ ପଂଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଏହି ସବୁ ସମସ୍ୟାକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଯେଉଁ ଯେଉଁ ସ୍ଥାନରେ ସମସ୍ୟା ଦେଖାଯାଉଛି ସେହିସବୁ ସମସ୍ୟାର ସମାଧାନ ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆ ଯାଉଥିବାର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ପ୍ରକୃତ ପକ୍ଷେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଜଣାପଡ଼ିଛି । ଦିନକୁ ଦିନ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବା ସହ ଜଳ କଷ୍ଟ ଆରମ୍ଭ ହୋଇଛି। ତେଣୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ପ୍ରକଳ୍ପକୁ ପ୍ରହସନରେ ପରିଣତ ନକରି ନିର୍ମିତ ପ୍ରକଳ୍ପ ଗୁଡ଼ିକର ପୁନଃ ତଦାରଖ କରିବା ଏବଂ ନିର୍ମାଣଧିନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଠିକ ଭାବେ କରିବା ସହ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଯୋଜନାର ସଫଳ ରୂପାୟନ କରିବାକୁ ଚେଷ୍ଟିତ ହେବାକୁ ଗ୍ରାମବାସୀମାନଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ମହାବୀର ମନ୍ଦିର ପ୍ରତିଷ୍ଠୋତ୍ସବ ମହାଡମ୍ବରରେ ପାଳିତ

ଉଦଳା , ୦୭/୩ (ନି.ପ୍ର): ଆଜି କପ୍ତିପଦା ବ୍ଲକର ବଡସିମୁଳିଆସ୍ଥ ଭାଲୁହୁରୁଡା ଗ୍ରାମର ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ମହାସମାରୋହରେ ସମାପନ ହୋଇଛି । ଦୁଇ ଦିନ ବ୍ୟାପୀ ଚାଲିଥିବା ଏହି ପ୍ରତିଷ୍ଠା କାର୍ଯ୍ୟ ୭/୩ରେ ସମାପନ ହୋଇଯାଇଛି । ହଜାର ହଜାର ଭକ୍ତଙ୍କ ସମାଗମରେ ମନ୍ଦିର ପ୍ରାଙ୍ଗଣ ଲୋକାରଣ୍ୟ ହୋଇଉଠିଥିଲା । ସମସ୍ତଙ୍କ ପାଇଁ ଦିବାରାତ୍ର ପ୍ରସାଦ ସେବନର ବନ୍ଦୋବସ୍ତ ହୋଇଥିଲା । ଶହଶହ ମାନସିକ ବ୍ରତଧାରୀ କଳସ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରି ମନ୍ଦିରକୁ ଆସିଥିଲେ । ଯଥାରୀତି ମନ୍ତ୍ରୋଚାରଣ ମଧ୍ୟରେ ବିଗ୍ରହଙ୍କ ଜୀବନ୍ୟାସ ପ୍ରଦାନ କରାଯାଇଥିଲା । ଭକ୍ତଗଣ ଏବଂ ଗ୍ରାମବାସୀଙ୍କ ଅକୁଣ୍ଠ ସହ ଯୋଗ ଫଳରେ ଏହି ଦିବ୍ୟ ଏବଂ ଭବ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ସମାପନ ହୋଇ ଆଜି ପୂର୍ଣ୍ଣାଙ୍ଗ ରୂପ ପାଇଥିଲା । ସର୍ବୋପରି ବନମାଳି ବେହେରା, ରମାକାନ୍ତ ପାତ୍ର, ପ୍ରଫୁଲ୍ଲ ପାତ୍ର, ବିନୋଦ ବିଶ୍ୱାଳ, ସୁରେନ୍ଦ୍ର ବେହେରା, ପ୍ରଣିଲ ବେହେରା, ମହେନ୍ଦ୍ର କୁମାର ସେଠୀ, ସହଦେବ ପାତ୍ର ଏବଂ ଗୌରାଙ୍ଗ ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମର ପ୍ରମୁଖ ଦାୟିତ୍ୱ ନିର୍ବହନ କରୁଥିବା ସମୟରେ ଗ୍ରାମ୍ୟର ଆବାଳ ବୃଦ୍ଧ ବନିତା ଉପବାସ ପୂର୍ବକ ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

# କପ୍ତିପଦା ହାଟପିଣ୍ଡିରେ ଗ୍ରାମ ସଂଯୋଜକ(ମେଟ୍) ସଂଘର ବୈଠକ



କପ୍ତିପଦା, ୦୭/୩ (ନି.ପ୍ର): କପ୍ତିପଦାରେ ମୟୂରଭଂଜ ଜିଲ୍ଲାର ୨୬ଗୋଟି ବ୍ଲକର ଗ୍ରାମ ସଂଯୋଜକ(ମେଟ୍)ମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ମୟୂରଭଂଜ ଜିଲ୍ଲାର ମନରେଗା ଯୋଜନାରେ କେନ୍ଦ୍ର ସରକାରଙ୍କ ନିୟମକୁ ଆଧାର କରି ଶ୍ରମିକ ସଂଘ ମାଧ୍ୟମରେ ଗ୍ରାମ ସଂଯୋଜକମାନେ ଦୀର୍ଘ ୧୪ବର୍ଷ ଧରି ଓ୍ୱାର୍କ ସାଇଟ୍ ସୁପରଭାଇଜର କାର୍ଯ୍ୟ କରି ଆସୁଛନ୍ତି । ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସରକାରଙ୍କ ଅଧୀନସ୍ଥ ଅଣବେତନଭୋଗୀ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ସହିତ ଦରମା ଦେବାର ବ୍ୟବସ୍ଥା ଅଛି । କିନ୍ତୁ ମେଟ୍ମାନେ ବର୍ଷ ବର୍ଷ ଧରି ଅସ୍ଥାୟୀ ଜୀବନ ଜୀବିକା ହକ୍ ପାଇଁ ଦୀର୍ଘ ଦିନ ଧରି ବିଭିନ୍ନ ସ୍ତରରେ ଆନ୍ଦୋଳନ କରି ଆସୁଛନ୍ତି । ହେଲେ ସରକାର ଏହାକୁ ଦୃଷ୍ଟି ଦେଉନାହାଁନ୍ତି । ସେଥିପାଇଁ ସେମାନଙ୍କର ଦାବୀଗୁଡିକ ହେଲା- ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦୈନିକ ମଜୁରୀ ଟ୫୦୨ଙ୍କା ବାର୍ଷିକ ଦେଢଶହ ଦିନର ଆର୍ଥିକ ପାଣ୍ଠିକୁ ମାସିକ ବେତନ ହିସାବରେ ପ୍ରଦାନ କରନ୍ତୁ । ଏଥିସହିତ ସମସ୍ତ ଏନଏମଏମଏସ ପାଇଁ ସମସ୍ତ ମେଟ୍ମାନଙ୍କୁ ଏଣ୍ଡ୍ରୋୟଡ ମୋବାଇଲ ପ୍ରଦାନ । ମୃତ୍ୟୁକାଳୀନ ସହାୟତା ରାଶି ବାବଦକୁ ୩ଲକ୍ଷ ଟଙ୍କା ପ୍ରଦାନ କରାଯାଉ । ତତକାଳୀନ ସରକାର ଆମ ଅନୁରୋଧ ରକ୍ଷା କରି ଆମକୁ ପରିଚୟ ପତ୍ର ଓ ଡ୍ରେସ୍ ପ୍ରଦାନ କରିଛନ୍ତି । ଯଦି ଚଳିତ ସରକାର ଆମ କଥାକୁ ବିଚାରକୁ ନିଅନ୍ତି ନାହିଁ ତେବେ ଆଗାମୀ ଦିନରେ ସମସ୍ତ ମୟୂରଭଂଜ ଜିଲ୍ଲା ଏକ ଜୋରାଦାର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଜିଲ୍ଲା ସଂଗଠନ ନିଷ୍ପତ୍ତି ନେଇଛି ।

# ପୁଣି ଜାଗିଲେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ



ବଡ଼ସାହି , ୦୭/୩ (ନି.ପ୍ର): ଶୁକ୍ରବାର ବଡ଼ସାହି ବ୍ଲକ୍ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆନୁକୁଲ୍ୟରେ, ବ୍ଲକ୍ ସଂପାଦକ ତଥା ଆବାହକ ଡମ୍ବରୁ ଧର ରାଉତଙ୍କ ଆବାହକତ୍ୱରେ, ବ୍ଲକ୍ ସଭାପତି ହରିଶ ଚନ୍ଦ୍ର ଦାସ ଙ୍କ ସଭାପତିତ୍ୱରେ ଏକ ବୈଠକ ତାଳପଦା ପୂର୍ଣ୍ଣଚନ୍ଦ୍ର ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେଇ ଯାଇଚି, ଏଥିରେ ବ୍ଲକ୍ ର ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ , ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ, ଜିଲ୍ଲା ସଂଗଠନର କାର୍ଯକାରୀ ସଦସ୍ୟ ଦେବରାଜ ନାୟକ, ଜିଲ୍ଲା ସାଂଗଠନିକ ସଂପାଦକ ପ୍ରଭାସ କୁମାର ନାୟକ, ବ୍ଲକ୍ ଉପସଭାପତି ଦିଲ୍ଲୀପ ମହନ୍ତ, ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ବାରିକ, ପ୍ରଧାନ ଶିକ୍ଷକ ଅସୀମା ରଣଜିତ୍ ଆଦି ବକ୍ତବ୍ୟ ରଖିଥିଲେ, ଆଗାମୀ ୧୦ ତାରିଖ ଲୋୟର ପିଏମ୍ ଜି ଭୁବନେଶ୍ୱରରେ ଅହୋରାତ୍ର ଆନ୍ଦୋଳନକୁ ସଫଳ କରିବା ପାଇଁ ବକ୍ତା ମାନେ ମତଦାନ କରିଥିଲେ। ଏହି ବ୍ଲକରୁ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ ଆନ୍ଦୋଳନରେ ଯୋଗଦାନ କରିବେ ବୋଲି ଶିକ୍ଷକ ଶ୍ରୀକାନ୍ତ କୁମାର ଦାସ ମତବ୍ୟକ୍ତ କରିଥିଲେ।

# ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ ଧଳଙ୍କ ଏକାଦଶାହ ସ୍ମୃତିଚାରଣ ସଭା



ଭଦ୍ରକ, ୦୭/୩ (ନି.ପ୍ର): ଭଦ୍ରକର ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ କୁମାର ଧଳଙ୍କର ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ତାଙ୍କ ଜନ୍ମସ୍ଥାନ ଭଦ୍ରକ ଜିଲାର ଅଣ୍ଡିଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ସାନ୍ଧ୍ୟର ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ଭଦ୍ରକ ଜିଲାପାଳ ଦିଲ୍ଲୀପ ରାଉତରାୟ, ସହକାରୀ ଜିଲାପାଳ କାର୍ତିକନାଥ ମଣ୍ଡଳ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଧଳଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ତାଙ୍କ ଭଳି ଜଣେ ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗ କେବଳ ସ୍ଥାନୀୟ ଅଂଚଳ ନୁହେଁ, ଜିଲା ପାଇଁ ଅପୂରଣୀୟ କ୍ଷତି ବୋଲି ଦର୍ଶାଇ ସେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ' ର ଜଣେ ଆଜୀବନ ସଦସ୍ୟ ତଥା କୋଷାଧକ୍ଷ ଥାଇ ଯେଉଁସବୁ ସମାଜସେବା କରିଥିଲେ, ତାହା ତାଙ୍କୁ ଚିର ସ୍ମରଣୀୟ କରି ରଖିବ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ଧଳ, ଶିକ୍ଷାବିତ୍ ବସନ୍ତ ଦାସ, ଶିକ୍ଷାବିତ୍ ଧର୍ମେନ୍ଦ୍ର ନାରାୟଣ ଜେନା, ଦେବେନ୍ଦ୍ର ଧଳ, ସନ୍ତୋଷ ମଲ୍ଲିକ, ସାମ୍ବାଦିକ ସଂଜୀବ ନାୟକ, ସୁଜୟ ପାକଳ, ଅକ୍ଷୟ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଧଳଙ୍କ ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତିଚାରଣ ସଭାକୁ ସ୍ୱର୍ଗତଃ ଧଳଙ୍କ କନିଷ୍ଠ ଭ୍ରାତା ସଂଜୀବ ଧଳ, ଲଲାଟେନ୍ଦୁ ଧଳ, ଉତରରାୟ ସତ୍ୟରଂଜନ ଓ ଏକମାତ୍ର ପୁତ୍ର ସୁଜିତ କୁମାର ଧଳ ପରିଚାଳନା କରିଥିଲେ।

# ବାସୁଦେବପୁର ଥାନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ବାସୁଦେବପୁର, ୦୭/୩ (ନି.ପ୍ର): ବାସୁଦେବପୁର ଥାନା ପରିସରରେ ସରକାର ଙ୍କ ନୂତନ ଅପରାଧିକ ଆଇନର କାର୍ଯ୍ୟ କାରିତା ସଂମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ। ଭଦ୍ରକ ସଦର ଏସ ଡି ପି ଓ ଶ୍ରୀନିବାସ ସେଠୀ, ଆଇନଜୀବୀ ଡକ୍ଟର ନିରଦ କୁମାର ଦାଶ, ଆଇନଜୀବୀ ବସନ୍ତ କୁମାର ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ତଥା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ନୂତନ ଅପରାଧୀକ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି କାର୍ଯ୍ୟକ୍ରମରେ ପୋଲିସ୍ ଷ୍ଟାଫ୍ ପୁନମ ଦେବୀ ବେହେରା, ଅଧିକାରୀ ଦାସ ମହାପାତ୍ର, ଭାଗ୍ୟଜିତ ନାୟକ, ଶୁଭେନ୍ଦୁ ମହାନ୍ତି, ଜିତେନ୍ଦ୍ର ନାୟକ, ବିନୋଦ ସାହୁ, ଲକ୍ଷ୍ମୀକାନ୍ତ ଉପାଧ୍ୟାୟ ପ୍ରମୁଖ ସହଯୋଗ କରିଥିଲେ। ବାସୁଦେବପୁର ର ନାଗରିକ, ବୁଦ୍ଧିଜୀବୀ, ସାମ୍ବାଦିକ, ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କିସ୍ ପ୍ରସଙ୍ଗ...

ଇଡ୍କୋ ଜମି ନୁହେଁ ଫରେଷ୍ଟ ଲ୍ୟାଣ୍ଡ୍ ବି ଜବରଦଖଲ କରାଯାଇଛି। ଏସବୁର ତଦନ୍ତ ପାଇଁ ଘଐଜଡ ଟିମ୍କୁ ଅବଗତ କଲି ବୋଲି କହିଛନ୍ତି ଜଞ୍ଜଓ କର୍ମୀ ପ୍ରତାପ । ତେବେ ଘଐଜଡ ଟିମ୍ 'କିସ୍' ପ୍ରସଙ୍ଗରେ ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ସେପଟେ କଓଓଞ୍ଜ ବିରୋଧରେ ଲମ୍ବିବାରେ ଲାଗିଛି ପୁଳା ପୁଳା ଅଭିଯୋଗ । କିଟ୍ ପାଇଁ ଅନେକ ସାଧାରଣ ଲୋକେ ନିଜ ଜମି ହରାଇଛନ୍ତି । ଜମି କିଣିଛନ୍ତି ହେଲେ କିଟ୍ ଏସବୁ ଜମିକୁ ମାଡ଼ି ବସିଛି । ଏଭଳି କିଛି ଅଭିଯୋଗ ନେଇ ଘଐଜଡ ଟିମ୍ ପାଖରେ ଫେରାଦ ହୋଇଛନ୍ତି ଅନେକ ଲୋକେ । ବର୍ଷ ବର୍ଷ ଧରି କିଟ୍ ଓ କିସ୍ ସେମାନଙ୍କ ଜମିକୁ ମାଡ଼ି ବସିଛି । ଫଳରେ ନିଜ ପ୍ଲଟ୍କୁ ଯିବାକୁ ବି ବାଟ ମିଳୁନି । ତେବେ ଅଭିଯୋଗ କରିବାକୁ ଆସିଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ, ସେ ୨୦ ବର୍ଷ ହେବ କିସ୍ ପାଖରେ କିଛି ଜାଗା କିଣିଥିଲେ । କିନ୍ତୁ ଏବେ ଯେତେବେଳେ ସେ ତାଙ୍କ ଜାଗାକୁ ଯିବାକୁ ଚାହୁଁଛନ୍ତି କିଟ୍ର ସିକ୍ୟୁରିଟି ଆମକୁ ଅଟକାଉଛନ୍ତି । ଏମିତି କି କିଟ୍ କର୍ତ୍ତୃପକ୍ଷ ପବ୍ଲିକ୍ଙ୍କ ପାଇଁ ଥିବା ରାସ୍ତାରେ ଗେଟ୍ ଲଗାଇ ଅବରୋଧ କରିଛନ୍ତି । ଖାଲି ଏତିକି ନୁହେଁ ବରଂ କିଟ୍ ଆମ ଜାଗାକୁ ମାଡ଼ି ବସିଥିବା ମଧ ସେ ଅଭିଯୋଗ କରିଛନ୍ତି । ଏନେଇ ବାରମ୍ବାର ପୋଲିସଠୁ ଆରମ୍ଭ କରି ବିଭିନ୍ନ ସ୍ତରରେ ଜଣାଇବା ପରେ ବି କୌଣସି ସମାଧାନ ହୋଇନଥିବା ଅଭିଯୋଗ ହୋଇଛି । ଏନେଇ ସେ ବାରମ୍ବାର କିଟ୍ କର୍ତ୍ତୁପକ୍ଷ ଓ ପୋଲିସ୍ଙ୍କୁ ଜଣାଇବା ପରେ ମଧ କିଛି ସମାଧାନ ହୋଇନଥିବା କହିଛନ୍ତି । ଅପରପକ୍ଷେ, ଏହି ଅଭିଯୋଗକୁ ନେଇ କିଟ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନି ।

### ଗିରଫ ହେଲେ କୋଟିପତି ...

ପୁରୀରେ ତାଙ୍କର ଦୁଇଟି ବେନାମୀ ଫ୍ଲାଟ ରହିଛି । ଦୁଇଟି ବେନାମୀ ୪ ଚକିଆ ଯାନ ମଧ ତାଙ୍କର ଥିବାର ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ଭୁବନେଶ୍ୱରରେ ଆରଟିଓ ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ ମହାନ୍ତି ପରବର୍ତ୍ତୀ ଅବସ୍ଥାରେ କଟକରେ ଝଞ୍ଜଇ ଯୁଗ୍ମ କମିଶନର ଭାବେ ନିଯୁକ୍ତି ପାଇଥିଲେ । ତେବେ ତାଙ୍କର କାର୍ଯ୍ୟକାଳ ଭିତରେ ଏହି ଆୟବହିର୍ଭୂତ ବିପୁଳ ସଂପତ୍ତି ଠୁଳ କରିନଥିଲେ ତ ? ସେଇଥିପାଇଁ ଏକକାଳୀନ ୯ଟି ସ୍ଥାନରେ ଭିଜିଲାନ୍ସ ଚଢଉ ଜାରି ରଖିଥିଲା । ତେବେ ଏତେ ଟଙ୍କା ଆସିଲା କେଉଁଠୁ ? ପ୍ରଦୀପଙ୍କ ଆୟର ଉତ୍ସ କଣ ? ଦୁର୍ନୀତିଖୋର ବାବୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ କାହିଁକି ଚେତୁନାହାନ୍ତି ସରକାରୀ ବାବୁ ତାହା ହିଁ ବଡ଼ ପ୍ରଶ୍ନ ।

### ବିରୋଧୀଙ୍କ ହଙ୍ଗାମା...

ଗୃହକୁ ବାଚସ୍ପତି ଆସିବା ପୂର୍ବରୁ ଆରମ୍ଭ ହୋଇଗଲା ହଟ୍ଟଗୋଳ । କଂଗ୍ରେସ ମହିଳା ନିର୍ଯ୍ୟାତନାକୁ ପ୍ରସଙ୍ଗ କରିଥିବା ବେଳେ ବିଜେଡି ବିଜୁ ବାବୁଙ୍କୁ ଅସମ୍ମାନ ପ୍ରସଙ୍ଗ କରିଥିଲା । ସକାଳ ୧୦ଟା ସମୟରେ କଂଗ୍ରେସର ବିଧାୟକମାନେ ମହିଳା ଅତ୍ୟାଚାରକୁ ପ୍ରସଙ୍ଗ କରି ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ । ତା'ପରେ ୧୦ଟା ୨୮ ରେ କଂଗ୍ରେସ ବିଧାୟକମାନେ ନାରୀ ନିର୍ଯ୍ୟାତନା ଲେଖାଥିବା ବ୍ୟାନର ବେକରେ ପକାଇ ଗୃହ ମଧ୍ୟକୁ ନାରାବାଜି ଦେଇ ପ୍ରବେଶ କରିଥିଲେ । କଂଗ୍ରେସର ନାରାବାଜି ଦେଖି ବିଜେଡି ବିଧାୟକମାନେ ବିଜୁ ବାବୁଙ୍କୁ ଅସମ୍ମାନ ଚଳିବ ନାହିଁ ଲେଖାଥିବା ପ୍ଲା-କାର୍ଡ ଧରି ଆରମ୍ଭ କରିଥିଲେ ହଟ୍ଟଗୋଳ । ୧୦ଟା୨୮ରୁ ଗୃହରେ ପ୍ରବଳ ହଟ୍ଟଗୋଳ ଆରମ୍ଭ ହୋଇଯାଇଥିଲା । ୧୦ଟା ୩୦ରେ ବାଚସ୍ପତି ଆସିଥିଲେ । ବାଚସ୍ପତିଙ୍କ ପୋଡିୟମ୍ ଉପରକୁ ଚଢ଼ିବାକୁ ଚେଷ୍ଟା କରିଥିଲେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ବିଜେଡି ବିଧାୟକ ଅଧୀରାଜ ପାଣିଗ୍ରାହୀ। ହଟ୍ଟଗୋଳ ଭିତରେ ମାତ୍ର ୬ ମିନିଟ୍ ଚାଲିପାରିଥିଲା ଗୃହ। ବିଧାନସଭାରେ ପ୍ରବଳ ହୋହଲ୍ଲା ପାଇଁ ଅପରାହ୍ନ ୪ଟା ଯାଏଁ ବାଚସ୍ପତି ମୁଲତବୀ କରିଥିଲେ ଗୃହକୁ । ଏହାପରେ ବିଜେଡି ବିଧାୟକମାନେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିବା ବେଳେ କଂଗ୍ରେସ ବିଧାୟକ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ହେଲେ ୪ଟା ପରେ ବି, ସେହି ସମାନ ଅବସ୍ଥା ଦେଖିବାକୁ ମିଳିଥିଲା । ଯାହା ପରେ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଛନ୍ତି ବାଚସ୍ପତି ।

### ୧୦ ମାର୍ଚ୍ଚରୁ ...

ଯାହା ସିପିଇଟି ସ୍କୋର ଦ୍ୱାରା ନିର୍ଣ୍ଣୟ କରାଯିବ। ଏହି ପ୍ରବେଶିକା ପରୀକ୍ଷା ୨୦୨୫ ମେ' ପ୍ରଥମ ସପ୍ତାହରେ କରାଯିବାର କାର୍ଯ୍ୟକ୍ରମ ରହିଛି। ଏକ ସୁଗମ ଶିକ୍ଷା କ୍ୟାଲେଣ୍ଡର ସୁନିଶ୍ଚିତ କରିବା ପାଇଁ, ଉଚ୍ଚଶିକ୍ଷା ବିଭାଗ ୨୦୨୫ ଜୁଲାଇ ୧୦ ସୁଦ୍ଧା ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକରେ ପିଜି ପାଠ୍ୟକ୍ରମ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଏହା ସମୟସୀମା ମଧ୍ୟରେ ପାଠ୍ୟକ୍ରମ ସମାପ୍ତ କରିବା ସହଜ କରିବ, ନିର୍ଦ୍ଧାରିତ ପରୀକ୍ଷା ଏବଂ ଶୀଘ୍ର ଫଳାଫଳ ଘୋଷଣା ପାଇଁ ଅନୁମତି ଦେବ, ଯାହା ଶେଷରେ ସାରା ଓଡ଼ିଶାରେ ଛାତ୍ରଛାତ୍ରୀମାନଙ୍କୁ ଲାଭ ଦେବ।

# ବହୁ ପ୍ରତୀକ୍ଷିତ ଶୌଚାଳୟ ଚାବି ଖୋଲିଲା

ଭଦ୍ରକ, ୦୭/୩ (ନି.ପ୍ର): ଦୀର୍ଘଦିନର ପ୍ରତୀକ୍ଷା ପରେ ଆଗରପଡ଼ା ବଜାରରେ ନିର୍ମିତ ହୋଇଥିବା ଶୌଚାଳୟ ଏବଂ ଥଣ୍ଡାପାନୀୟ ଜଳ କେନ୍ଦ୍ର ଉଦ୍ଘାଟିତ ହୋଇଛି । ବିଧାୟକ ସଞ୍ଜୀବ ମଲ୍ଲିକ ଏହାକୁ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ଉତ୍ସବରେ ଜିଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲାପରିଷଦ ସଭ୍ୟା ରୁନିତା ଦାସ , ବିଜେଡି ନେତା ପ୍ରଶାନ୍ତ ଦାଶ, ବିଜ୍ଞାନ ଭୂଷଣ ମହାନ୍ତି,ସତ୍ୟସାଧନ ବେଜ, ସମିତିସଭ୍ୟା ପଦ୍ମାବତୀ ନାଥଶର୍ମା, ସରପଂଚ ପ୍ରତିନିଧି ଦୀପକ ମହାନ୍ତି, ପଦ୍ମଲୋଚନ ନାଥଶର୍ମା, ବ୍ରଜମୋହନ ମହାନ୍ତି, ହିମାଦ୍ରୀ ମହାନ୍ତି, ସନ୍ତୋଷ ବାରିକ, ହରିହର ପାଣିଗ୍ରାହୀ, ମାନସ ପଟ୍ଟନାୟକ, ସୁକାନ୍ତ ଦାଶ, ସଞ୍ଜୟ ନାଥ, ମନୋଜ ନାରୟଣ ମହାନ୍ତି, ଲଳିତ ମହାନ୍ତି, ଗଜେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଯେ, ପଂଚାୟତିରାଜ ଏବଂ ପାନୀୟଜଳ ବିଭାଗ ଅନୁଦାନରେ ପଂଚାୟତ ପକ୍ଷରୁ ଏହି ଶୌଚାଳୟ ଆର୍ଥିକ ବର୍ଷ ୨୦୨୦-୨୧ରେ ଆଗରପଡ଼ା ବଜାରରେ ନିର୍ମାଣ ଆରମ୍ଭ ହୋଇଥିଲେ ମଧ ତାହା ଦୀର୍ଘବର୍ଷ ଧରି କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ବାରମ୍ବାର ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଏବେ ଏହା କାର୍ଯ୍ୟକ୍ଷମ ହେବା ସହ ବହୁ ଦିନର ପ୍ରତିକ୍ଷାର ଅନ୍ତ ଘଟିଛି। ଏଥିସହ ଏହା ସଂଲଗ୍ନରେ ଏକ ଥଣ୍ଡାପାନୀୟ ଜଳ କେନ୍ଦ୍ର ମଧ ଉଦଘାଟିତ ହୋଇଛି।

# ବିର୍ଲା ଟାୟାର୍ସ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଟିୟୁଏସିସିର ପରିବର୍ଦ୍ଧିତ ବୈଠକ

ବାଲେଶ୍ୱର, ୦୭/୩ (ନି.ପ୍ର): ନିଜର ଆଇନଗତ ପ୍ରାପ୍ୟ ଓ ପୁନଃନିଯୁକ୍ତି ଦାବି କରି ବିରଳା ଟାୟାର୍ସ ଶ୍ରମିକମାନେ ଗତ ଚାରିମାସ ଧରି ଗଣତାନ୍ତ୍ରିକ ପଦ୍ଧତିରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଚଳାଇ ଆସିଥିଲେ। ଗତ ଦୁଇ ତାରିଖ ଦିନ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପୋଲିସ୍ ସହାୟତାରେ ଶ୍ରମିକମାନଙ୍କୁ ଧାରଣାସ୍ଥଳରୁ ବଳପ୍ରୟୋଗ କରି ଉଠାଇନେବା ଓ ୩ଜଣ ଶ୍ରମିକନେତାଙ୍କ ବିରୁଦ୍ଧରେ ବିଭିନ୍ନ ମିଥ୍ୟା ମୋକଦ୍ଦମାରେ ଜେଲ୍ ପଠାଇବା ଘଟଣାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ଟିୟୁଏସିସିର ପରିବର୍ଦ୍ଧିତ ବୈଠକରେ ଘୋର ଉଦ୍ବେଗ ପ୍ରକାଶ ପାଇଛି । ଟିୟୁଏସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଉଠାଜଳସେଚନ କର୍ମଚାରୀ ଭବନ ସଭାଗୃହରେ ଅନୁଷ୍ଠିତ ବୈଠକରେ ପରିବହନ, ପ୍ରତିରକ୍ଷା, ଡାକ, ଜୀବନବୀମା, ବିଦ୍ୟୁତ୍, ଉଠାଜଳସେଚନ, ଅଟୋ ଓ ରିକ୍ସାଚାଳକ, ନିର୍ମାଣ ଶ୍ରମିକ, ବୁଦ୍ଧିଜୀବୀ, ମହିଳା ସମିତି, ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସମାଜସେବୀ ଓ ବିଭିନ୍ନ କଳକାରଖାନାର ଶ୍ରମିକ ନେତାମାନେ ଏହି ବୈଠକରେ ଯୋଗଦେଇ ଜିଲ୍ଲା ପ୍ରଶାସନର କାର୍ଯ୍ୟପନ୍ଥାକୁ ଦୃଢ଼ନିନ୍ଦା କରିଛନ୍ତି। ବିବାଦର ସମାଧାନ ପାଇଁ ଓ ଶ୍ରମିକମାନଙ୍କ ଆଇନଗତ ପ୍ରାପ୍ୟ ପ୍ରଦାନ ନିମିତ୍ତ ରାଜ୍ୟ ସରକାର ବାଲେଶ୍ୱର ଜିଲ୍ଲାପାଳଙ୍କୁ ନୋଡ଼ାଲ୍ ଅଫିସର୍ ଭାବେ ଦାୟିତ୍ୱ ଦେଇଥିଲେ। କିନ୍ତୁ ଜିଲ୍ଲାପାଳ ଶ୍ରମିକମାନଙ୍କର କୌଣସି ଗୋଟିଏ ଆଇନଗତ ପ୍ରାପ୍ୟ ପ୍ରଦାନ ପାଇଁ ମାଲିକଙ୍କୁ ବାଧ ନକରି ଶ୍ରମିକମାନେ ଧାରଣା ପ୍ରତ୍ୟାହାର ପାଇଁ ଆଲୋଚନାରେ ଧମକ ଦେବା ଓ ତହିଁପର ଦିନ ପୋଲିସ୍ ସହାୟତାରେ ଶାନ୍ତିପୂର୍ଣ୍ଣ ଗଣଧାରଣା ସ୍ଥଳରେ ବଳ ପ୍ରୟୋଗ କରିବା ଘଟଣା ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ବୋଲି ବିଭିନ୍ନ ସଂଗଠନର ନେତାମାନେ ମତ ଦେଇଥିଲେ। ଟିୟୁସିସିର ସଂପାଦକ ଗୌରାଙ୍ଗ ପାଣିଗ୍ରାହୀଙ୍କ ପ୍ରସ୍ତାବକ୍ରମେ ଆସନ୍ତା ଶନିବାର ଠାରୁ ଜିଲ୍ଲା ପ୍ରଶାସନର ଏହି ଅନ୍ୟାୟ ବିରୁଦ୍ଧରେ ଓ ବିରଳା ଟାୟାର୍ସ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଜନମତ ସୃଷ୍ଟିପାଇଁ ସମସ୍ତ ଶିଳ୍ପ ସଂସ୍ଥାର ଫାଟକ ସମ୍ମୁଖରେ ସଭା ଓ ବିକ୍ଷୋଭ, ସହରରେ ପଥପ୍ରାନ୍ତ ସଭା, ପ୍ରଚାରପତ୍ର ବଣ୍ଟନ ପାଇଁ ସର୍ବସମ୍ମତି ନିଷ୍ପତ୍ତି ହୋଇଛି। ଆସନ୍ତା ହୋଲି ଛୁଟିପରେ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ସମାବେଶ ଓ ଗଣଧାରଣା ପାଇଁ ନିଷ୍ପତ୍ତି ନିଆଯାଇଛି । ଗିରଫ ଶ୍ରମିକନେତାମାନଙ୍କ ବିରୁଦ୍ଧରେ ସମସ୍ତ ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର ପାଇଁ ସଭାରେ ଦାବି କରାଯାଇଛି। ବାଲେଶ୍ୱରରେ ୧୯୭୫ ମସିହାରୁ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଟିୟୁଏସିସି ଗଠନ ପରେ ଶ୍ରମିକମାନଙ୍କ ଉପରେ ଜିଲ୍ଲା ପ୍ରଶାସନର ଏପରି କାର୍ଯ୍ୟାନୁଷ୍ଠାନ ପ୍ରଥମ ଘଟଣା ବୋଲି ବହୁ ବରିଷ୍ଠ ଶ୍ରମିକନେତା ମତ ଦେଇଥିଲେ। ଯଦି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏହି ବିବାଦର ସୁସମାଧାନ କରି ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ନକରନ୍ତି ତେବେ ଆଗାମୀ ଦିନରେ ଜିଲ୍ଲାବାସୀଙ୍କ ସହଯୋଗରେ 'ବାଲେଶ୍ୱର ବନ୍ଦ' ଭଳି ଚରମ ଆନ୍ଦୋଳନ ପାଇଁ ଶ୍ରମଜୀବୀମାନେ ବାଧ ହେବେ ବୋଲି ସଭାରେ ଚେତାବନୀ ଦିଆଯାଇଛି।

## ଜଗବନ୍ଧୁ ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା

ବଡ଼ସାହି , ୦୭/୩ (ନି.ପ୍ର): ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ା ପରିସରରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ପରିଚାଳନା କମିଟି, ଆଲୁମନି କମିଟି ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର



ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ ଓ ଏକାଗ୍ରତା ଭଲ ବାଟ ଦେଖାଏ ଉଦବୋଧନ ଦେଇ ଭବିଷ୍ୟତର ଅଧ୍ୟୟନ ସହ ଦେଶ ଗଠନରେ ବ୍ରତୀ ହେବା ପାଇଁ ଉପଦେଶ ଦେଇଥିଲେ। ଶିକ୍ଷକ ଦୀପକ ରାମ ଏହି ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ପାଠପଢ଼ା ଓ ବିଭିନ୍ନ ପରୀକ୍ଷା କୌଶଳ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଧାନ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି, ଆଲୁମିନି ସଭ୍ୟ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଶିକ୍ଷକ ପାର୍ଥସାରଥୀ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟତ୍ରୀ ତପସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ରୋଜାଲିକା ଗିରି,ରେଖାରାଣୀ ମହାକୁଡ଼, ଅଲିଭା ଜ୍ୟୋତି ମହାପାତ୍ର, ଇନ୍ଦୁଲତା ପତି, ଅଫିସ ସହାୟକ ପଦ୍ମାବତୀ ମହାନ୍ତ ଯୋଗ ଦେଇ ବିଦାୟୀ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ।

# ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୦୭/୩ (ନି.ପ୍ର): ଚଳିତବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଆଜି ସ୍ଥାନୀୟ ସଭାବନା ସଭାଗୃହଠାରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହିତ ଜଳକ୍ଲିଷ୍ଟ ଅଂଚଳରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମପ୍ରବାହ ସମୟରେ ସତର୍କତା ଅବଲମ୍ବନ ନିମନ୍ତେ ପୋଷ୍ଟର, ଲିଫ୍‌ଲେଟ୍ ଆଦି ପ୍ରଚାରପତ୍ର ଗାଁ ଗହଳିରେ ବ୍ୟାପକ ବଂଟନ ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମଋତୁରେ ଯେମିତି ପାନୀୟ ଜଳର ସମସ୍ୟା ରହିବ ନାହିଁ, ଅଚଳ ନଳକୂପଗୁଡିକର ତୁରନ୍ତ ମରାମତି ଏବଂ ହାଟବଜାର, ବସ୍ ଷ୍ଟାଣ୍ଡ ତଥା ଜନଗହଳି ସ୍ଥାନମାନଙ୍କରେ ଜଳଛତ୍ର ଖୋଲି ପାନୀୟ ଜଳର ବ୍ୟବସ୍ଥା ଉପରେ ଜିଲ୍ଲାପାଳ ଶ୍ରୀ ବିକାଶ




ଗୁରୁତ୍ୱାରୋପ କରି ସଂପୃକ୍ତ ଅଧିକାରୀମାନଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାନୀୟଜଳ ସମସ୍ୟା ଥିବା ଶିକ୍ଷାନୁଷ୍ଠାନ/ହଷ୍ଟେଲ୍ ମାନଙ୍କରେ ପାନୀୟ ଜଳ ଯୋଗାଣ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହଜନିତ ଯେପରି କୌଣସି ଜୀବନ ହାନି ନଘଟିବ ସେଥିପାଇଁ ସମସ୍ତେ ଦୃଢ ମାନସିକତା ରଖି ସଦା ତତ୍ପର ରହି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ। ଗ୍ରୀଷ୍ମପ୍ରବାହର ମୁକାବିଲା ଓ ପ୍ରସ୍ତୁତି ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟଜଳ ଓ ଆଶ୍ରୟସ୍ଥଳର ବନ୍ଦୋବସ୍ତ କରାଯିବା ସହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଟାଣ ଖରାରେ କାମ ନକରାଇବାକୁ ଏବଂ କାର୍ଯ୍ୟସ୍ଥଳରେ ପାନୀୟ ଜଳର ବ୍ୟବସ୍ଥା, ଆଶ୍ରୟସ୍ଥଳ ଓ ଓଆରଏସ୍ ପ୍ୟାକେଟ୍ ମହଜୁଦ ରଖିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍ ପାଉଡର, ବରଫ, ଅଂଶୁଘାତର ପ୍ରତିକାର ପାଇଁ ଔଷଧପତ୍ର, ଜୀବନ ରକ୍ଷାକାରୀ ଔଷଧ ମହଜୁଦ୍ ରଖିବା, ଆମ୍ବୁଲାନ୍ସ୍ ବ୍ୟବସ୍ଥା ସହ ଜନସାଧାରଣଙ୍କୁ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତର ମୁକାବିଲା ପାଇଁ ସଚେତନତା ସୃଷ୍ଟି କରିବା ଏବଂ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରିବା ତଥା ସମସ୍ତ ଚିକିତ୍ସାଳୟରେ ଅଂଶୁଘାତ ଆକ୍ରାନ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ନିମନ୍ତେ ବେଡ୍ ପ୍ରସ୍ତୁତ ରଖିବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## କଂଗ୍ରେସ ଭବନରେ ଦିବଙ୍ଗତ ନେତା ବିକାଶ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୦୭/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ର ମିଡ଼ିଆ ସେଲ ର ସଂଯୋଜକ, ପିସିସି ସଦସ୍ୟ ଶାଶଙ୍ଗ ମାଟିର ସୁନା ପୁଅ ବିକାଶ ଦାସ୍ ଙ୍କ ଆକସ୍ମିକ ବିୟୋଗ ରେ ସାରା ବାଲେଶ୍ୱର ଜିଲ୍ଲା ର ଶୋକ ଖେଳିଯାଇଥିଲା କେବଳ କଂଗ୍ରେସ ଦଳ ନୁହେଁ ଜିଲ୍ଲା ର ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷ ସାମାଜିକ ଶୋକ ବାର୍ତ୍ତା ଦେଇଥିଲେ। କଂଗ୍ରେସ କାର୍ଯ୍ୟାଳୟ କର୍ମକର୍ତ୍ତା ଓ ଦଳୀୟ କର୍ମୀ ତାଙ୍କୁ ଝୁରୁଛନ୍ତି ବହୁ କର୍ମକର୍ତ୍ତା ଙ୍କ ସହିତ ତାଙ୍କ ଦୈନନ୍ଦିନ ଜୀବନ କଟୁଥିଲା ଦିବଂଗତ ନେତା ବିକାଶ ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ କଂଗ୍ରେସ ଭବନରେ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି। ସ୍ୱର୍ଗତ ଦାସ ଜିଲ୍ଲା ର ବିଭିନ୍ନ ସଂଗଠନ ସହିତ ଜଡିତ ଥିଲେ।ସେ ମହାପ୍ରଭୁ ଜଗନ୍ନାଥ ଙ୍କ ର ଜଣେ ଭକ୍ତ ଏବଂ ବାଲେଶ୍ୱର ଜିଲ୍ଲା ଜଗନ୍ନାଥ ସଂସ୍କୃତିର ପ୍ରଚାର କମିଟି ର ସଦସ୍ୟ ଥିଲେ। ଜଣେ



ପରୋପକାରୀ ମିଷ୍ଟ ଭାଷୀ ତଥା ସମୟାନୁ ବର୍ତ୍ତିତା ସଂଗଠକ ଭାବେ ଜିଲ୍ଲା କଂଗ୍ରେସ କମିଟି ର ପ୍ରିୟ ଭାଜନ ଥିଲେ କଂଗ୍ରେସ ଦଳ ତାଙ୍କ ଅଭାବ ସବୁ ଦିନ ମନେପକାଇବ ବୋଲି ଉପସ୍ଥିତ ସମସ୍ତ ନେତୃତ୍ୱ ମତ ରଖିଥିଲେ ପ୍ରଥମେ ସ୍ୱର୍ଗତ ଦାସ ଙ୍କ ଫୋଟ ରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ଦେବୀ ପ୍ରଶନ ଚନ୍ଦ ପୂର୍ବତନ ବିଧାୟକ ସୁଦର୍ଶନ ଜେନା ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ ନାରୀ ନେତ୍ରୀ ଅର୍ଚ୍ଚନା ନନ୍ଦୀ ଜିଲ୍ଲା କଂଗ୍ରେସ ଉପସଭାପତି ଗୋପୀନାଥ ପାଢ଼ୀ, ସୀମୁଳିଆ ନିର୍ବାଚନ ମଣ୍ଡଳୀ ନେତା ହିମାଂଶୁ ବେହେରା ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ସରୋଜ ଲେଙ୍କା ,କୃଷ୍ଣ ଗୋପାଳ ପଣ୍ଡା, ଜିଲ୍ଲା କଂଗ୍ରେସ କମିଟି ର ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନା ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ଙ୍କ ସମେତ ପୂର୍ବତନ ବ୍ଲକ ଓ ନଗର କଂଗ୍ରେସ ସଭାପତି ସର୍ବଶ୍ରୀ ସତ୍ୟନାରାୟଣ ଗୁପ୍ତା,ଶ୍ରୀକାନ୍ତ ଜେନା ,ରାଜେନ୍ଦ୍ର ମହାନ୍ତି,ରାଜୀବ ପରିଡା ,ତରୁଣ ଦାସ, ଉପେନ୍ଦ୍ର ନାୟକ ,ନୀଳଗିରି ଯୁବ ନେତା ତପନ ରାଉତ,ରାହାସ ମହାପାତ୍ର, ଯୋଗେଶ୍ୱର ବେହେରା, ଉମେଶ ଧଳ, ନାରୀ ନେତ୍ରୀ ବାସନ୍ତୀ ସାମଲ ,କୁମୁଦିନୀ ବେହେରା ,ବିନତି ବାରିକ, ପୂର୍ବତନ ସରପଂଚ କନ ବେହେରା,ଶ୍ରୀକାନ୍ତ ବାଗୁଡେଇ, ସଦର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଜୀବନ ମହାପାତ୍ର ଉପସ୍ଥିତ ହୋଇ ଦିବଂଗତ ନେତା ସ୍ୱର୍ଗତ ଦାସ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ମୋବାଇଲ ପୁଲିସର ଚଢ଼ାଉ : ତିନି ଜଣ ଗିରଫ

ବେତନଟୀ , ୦୭/୩ (ନି.ପ୍ର): ବାରିପଦା ମୋବାଇଲ ପୁଲିସ ବେତନଟୀ ଥାନା ଅଞ୍ଚଳରେ ଆଜି ଚଢାଉ କରି ଦେଶୀ ମଦ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଛି ମୋବାଇଲ ପୁଲିସ। ଅଭିଯୁକ୍ତ ମାନେ ହେଲେ ବେତନଟୀ ଥାନା ଅଧୀନ ତୁଳସୀଚୈରା ଗ୍ରାମ ର ଗଜେନ୍ଦ୍ର ସିଂ(୬୫), ଭୋଗବାଟି ଗ୍ରାମ ର ଧର୍ମବୀର ପାତ୍ର(୪୫) ଓ ପାଗୁଲୁ ବିନ୍ଧାଣୀ(୪୧) ବୋଲି ଜଣାପଡିଛି। ଚଢ଼ାଉ ସମୟରେ ତିନି ଜଣଙ୍କ ପାଖରୁ ମୋଟ ଲିଟର ୩୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଚଢାଉ ରେ ମୋବାଇଲ ପୁଲିସ ଅବକାରୀ ଶ୍ରୀଧର ମହାନ୍ତ ଙ୍କ ସହ ମୋବାଇଲ୍ ପୁଲିସ ର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ୧୪୨ଲିଟର ମଦ ଓ ବାଇକ ଜବତ: ୪ କୋର୍ଟ ଚାଲାଣ

ଖଇରା, ୦୭/୩ (ନି.ପ୍ର): ଖଇରା ଅବକାରୀ ଥାନା ପକ୍ଷରୁ ଖଇରା ତଥା ସିମୁଳିଆ ଥାନା ଅଧୀନରେ ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇ ୧୩୦ଲିଟର ଦେଶୀ ଓ ୧୨ଲିଟର ବିଦେଶୀ ମଦ ସହ ଏକ ବାଇକ ଜବତ କରାଯାଇଛି । ମଦବିକ୍ରୀ ସହ ସଂପୃକ୍ତ ଥିବା ଜଳଙ୍ଗ ଗଣ୍ଡିବେଡ ଗ୍ରାମର ରମେଶ ଶଙ୍ଖୁଆ,ଗରସଙ୍ଗ ଗ୍ରାମର ନିରଞ୍ଜନ ବାରିକ,ବରଦା ଗ୍ରାମର ରମେଶ କୁମାର ସେନାପତି ଓ ଶରତ ଗ୍ରାମର ବିଷ୍ଣୁପଦ ପାତ୍ର । ଅବକାରୀ ଥାନା ଅଧିକାରୀ ସୁରଜ କୁମାର ଟିଗାଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ୫୫ ପ୍ରତିଶତରୁ ଅଧିକ ଅଧ୍ୟାପକ ପଦବୀ ଖାଲି

ଭୁବନେଶ୍ୱର, ୦୭/୩ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟରେ ୫୫ ପ୍ରତିଶତରୁ ଅଧିକ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ଖାଲି ରହିଛି, ଯାହା ଏହି ପ୍ରତିଷ୍ଠାନରେ କର୍ମଚାରୀ ଅଭାବକୁ ସ୍ପଷ୍ଟ କରୁଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅନୁଯାୟୀ, ବିଭିନ୍ନ ବିଭାଗରେ ୨୩୮ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ମଧ୍ୟରୁ କେବଳ ୧୦୫ଟି ପୂରଣ ହୋଇଛି, ଯାହା ଫଳରେ ୧୩୩ଟି ଖାଲି ପଡ଼ିଛି। ବ୍ୟବସାୟ ପ୍ରଶାସନ ଏବଂ ମନସ୍ତତ୍ତ୍ୱ ବିଭାଗ ସର୍ବାଧିକ ଅଭାବର ସମ୍ମୁଖୀନ ହେଉଛନ୍ତି, ପ୍ରତ୍ୟେକରେ ୧୦ଟି ଖାଲି ଅଛି। ଶୁକ୍ରବାର ଦିନ ଓଡ଼ିଶା ବିଧାନସଭା ଅଧିବେଶନ ସମୟରେ ସାଲେପୁର ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଏଭଳି ସୂଚନା ଦେଇଛନ୍ତି। ବିଶ୍ୱ ବିଦ୍ୟାଳୟରେ ଅଣଶିକ୍ଷକ କର୍ମଚାରୀଙ୍କ ମଧ ଘୋର ଅଭାବ ରହିଛି। ୫୦୨ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ମଧ୍ୟରୁ କେବଳ ୧୮୯ଟି ପଦବୀରେ ନିଯୁକ୍ତି ପାଇଥିବାବେଳେ ୬୨୦ଟି ଖାଲି ପଡ଼ିଛି। ଅଧ୍ୟାପକ ଅଭାବକୁ ଦୂର କରିବା ପାଇଁ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶ୍ୱବିଦ୍ୟାଳୟ ଅତିଥି ଅଧ୍ୟାପକ ଏବଂ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ନିଯୁକ୍ତି ଦେଉଛି।

## ୮ଦିନ ହେଲା ପଡି ରହିଛି ୨୪ଚାଷୀଙ୍କ ୫୩୬ କୁଇଣ୍ଟାଲ ଧାନ

ଖଇରା, ୦୭/୩ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ସେବା ସମବାୟ ସମିତି ଟାର୍ଗେଟ ସମସ୍ୟାକୁ ନେଇ ଧାନକିଣା ବନ୍ଦ ରହିଛି। ଗତ ୮ଦିନ ଧରି ୨୪ଜଣ ଚାଷୀଙ୍କର ୫୩୬ କୁଇଣ୍ଟାଲ ଧାନ ପଡିରହିଥିବା ବେଳେ ବର୍ଷାକାକରରେ ଧାନ ଭିଜୁଥିବା ଯୋଗୁଁ ଚାଷି ମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଜିଲା ଯୋଗାଣ ବିଭାଗ ତୁରନ୍ତ ସେମାନଙ୍କ ଧାନକିଣିବାର ବ୍ୟବସ୍ଥା ନକଲେ ୨୪ ଚାଷି ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି । ସରକାର ମାର୍ଚ୍ଚ ମାସ



ଶେଷ ପର୍ଯ୍ୟନ୍ତ ଧାନକିଣିବାକୁ ଘୋଷଣା କରିଥିଲେ । ହେଲେ ଖଇରା ସମବାୟ ସମିତିରେ ୮ଦିନ ତଳେ ହଠାତ ଧାନକିଣା ବନ୍ଦ କରି ଦିଆଯିବା ପରେ ସମିତିରେ ୨୪ଜଣ ଚାଷିଙ୍କର ୫୩୬ କୁଇଣ୍ଟାଲ ଧାନ ଉଠିପାରୁନି । ଷଣ୍ଢ ତଥା ଚୋରଙ୍କ ଉତ୍ପାତକୁ ଆଖି ଆଗରେ ରଖି ଉପରୋକ୍ତ ଚାଷି ମାନେ ରାତି ଅନିଦ୍ରା ହୋଇ ଧାନଜଗିବାକୁ ବାଧ୍ୟ ହେଉଛନ୍ତି। ଏ ସମ୍ପର୍କରେ ସମିତି ସମ୍ପାଦକ ଶ୍ରୀକାନ୍ତ ପଲେଇଙ୍କୁ ପଚାରିବାରେ ୫ଶହ କୁଇଣ୍ଟାଲ ଟାର୍ଗେଟ ପାଇଁ ଜିଲା ଯୋଗାଣ ବିଭାଗକୁ ଅବଗତ କରାଯାଇଥିଲେ ହେଁ ମାତ୍ର ୩ଶହ କୁଇଣ୍ଟାଲର ଟାର୍ଗେଟ ମିଳିଛି। ବାକି ଟାର୍ଗେଟ ଆସୁନଥିବାରୁ କିଛି ଚାଷିଙ୍କ ଧାନକିଣାଯାଇ ପାରୁନଥିବା କହିଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ଜିଲା ଯୋଗାଣ ବିଭାଗ ଅଧିକାରୀ ହିମାଂଶୁ ସାହୁଙ୍କୁ ଯୋଗାଯୋଗ କରିବାରେ ସବୁ ସମିତି ରୁ ଏଭଳି ଦାବି ଆସୁଛି ଏବଂ ସମସ୍ତଙ୍କୁ କିଛି କିଛି ଟାର୍ଗେଟ ଦିଆଯାଉଛି । ଖଇରା ସମିତି ରେ ଆବଶ୍ୟକତା ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଦ୍ୱାରା ପଞ୍ଜାବ ନେସନାଲ ବ୍ୟାଙ୍କ୍ ଉଦ୍‌ଘାଟିତ

ବାଲେଶ୍ୱର , ୦୭/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଆଇଟିଆଇ ଛକରେ ବାଲେଶ୍ୱର ଜିଲ୍ଲାର ସାଂସଦ ପ୍ରତାପ ଷଡ଼ଙ୍ଗୀ ନୂତନ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ କୁ ଦୀପ ପ୍ରଜ୍ୱଳନ କରି ଉଦଘାଟିତ କରିଛନ୍ତି । ଅଞ୍ଚଳ ପ୍ରବନ୍ଧକ ଭୁବନେଶ୍ୱର ଅଞ୍ଚଳ ରାଜେଶ କୁମାର , ଓ ମହାପ୍ରବନ୍ଧକ ପ୍ରଧାନ କାର୍ଯ୍ୟାଳୟ ନୂଆଦିଲ୍ଲୀ ବିଶ୍ୱଜିତ୍ ବିଶାଳ ନୂତନ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ର ସରିତା ବେହେରା ବ୍ରାଞ୍ଚ୍ ମ୍ୟାନେଜର ଭାବେ ଯୋଗ ଦେଇଥିଲେ। ସାଂସଦ ପ୍ରତାପ



ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ନୂତନ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ପ୍ରତିଷ୍ଠା ହେବ ଦ୍ୱାରା ଗରିବ ଓ ଖଟିଖିଆ ଲୋକଙ୍କ ଉପକାର ହେବ । ଆଗରୁ ଲୋକେ ବ୍ୟାଙ୍କ୍ କଣ ଜାଣିପାରୁନଥିଲେ କିନ୍ତୁ ବର୍ତ୍ତମାନ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ପାଇଁ ଲୋକେ ଧନ ଜନ ଯୋଜନା ବିଷୟରେ ଅବଗତ ହେଲେ ଓ ଲୋକେ ଧନ ଜନ ଯୋଜନାରେ ଟଙ୍କା ରଖିଲେ । ତେଣୁ ଆଜି ଯେଉଁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ଉଦଘାଟିତ ହେଲା ତାହା ଗରିବ ମାଆ ଭଉଣୀ ର ଉନ୍ନତି ହେବ । ନୂତନ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ମ୍ୟାନେଜର ସରିତା ବେହେରା କହିଲେ ଏହି ଅନୁଷ୍ଠାନ ଗରିବ ମହିଳା ମାଆ ଭଉଣୀ ଙ୍କ ଉନ୍ନତି ରେ ସହ ଯୋଗ କରିବା। ଏହି ଉଦଘାଟନ କାର୍ଯ୍ୟ କ୍ରମକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଉଦ୍‌ଘାଟିତ

ବାରିପଦା , ୦୭/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତି ଐତିହ୍ୟ ଏବଂ ପର୍ଯ୍ୟଟନର ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢା ବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବିଗତ ୯ ବର୍ଷ ଧରି ଜିଲ୍ଲାର ଚାରିଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦେଶ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକ ରେଲି) ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଆଜି ସକାଳେ ୨ୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟ ଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ବର୍ଷୀୟାନ ସାମ୍ବାଦିକ, ଗବେଷକ ଡ଼. ବିଜୟ ଅଗ୍ରୱାଲ, ଡା. କୈଳାଶ ଚନ୍ଦ୍ର ମହାନ୍ତି, ସମାଜସେବୀ ଜିତେନ୍ଦ୍ର ମହାନ୍ତି, ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ମନୋଜ




ଦଳବେହେରା, ମୂର୍ଚ୍ଛନା ଦାସ ପଟ୍ଟନାୟକ, ପଣ୍ଡିତ ଭାଗବତ ପଣ୍ଡା ଅଶୋକ ପଲେଇ, ଡ଼ ଶଶୀଧର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ଇନ୍ଦୁମତି ମହାନ୍ତି, ସଂଯୁକ୍ତା ବସା, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଅଧକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ସବୁଜ ପତକା ଦେଖାଇ ଜାଗରଣ ଯାତ୍ରାର ଶୁଭାରମ୍ଭ କରିଥିଲେ. ବଳାଙ୍ଗୀ ମୋହତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି ଏବଂ ବଳାଙ୍ଗୀ ସେନାର ଅଧକ୍ଷ କୁମାରେସ ନାୟକଙ୍କ ତତ୍ତ୍ୱାବଧାନରେ ୫୦ ରୁ ଉର୍ଦ୍ଧ ସଂସ୍କୃତି ସୈନିକ ଜାଗରଣ ଯାତ୍ରାରେ ସାମିଲ ହୋଇଥିବା ବେଳେ, ଏହି ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥ ଆଜିଠାରୁ ୩ଦିନ ଧରି ସମଗ୍ର ଜିଲ୍ଲା ପରୀକ୍ରମା କରି ମୟୁରଭଞ୍ଜର କଳା ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ସହ ଜିଲାରେ ଭାଇଚାରାର ପରମ୍ପରାକୁ ସୁଦୃଢ କରିବ ବୋଲି ଜଣାଯାଇଛି. ଆଜି ପ୍ରଥମ ଦିନରେ ଏହି ଯାତ୍ରା କୁଳିଅଣା, କଳାବାଡିଆ, ଝାରପୋଖରୀଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ପୁରୁଣାଘାଟି, ରାଇରଙ୍ଗପୁର, ବହଳଦା, ଜାମଦା ପର୍ଯ୍ୟନ୍ତ ଯିବ। ସେହିପରି ୮ ତାରିଖ ଦ୍ୱିତୀୟ ଦିନ ଜାମଦାରୁ ବାହାରି ଗଡ଼ରାଇରଙ୍ଗପୁର, ଭାଲୁବସା, ଜଶିପୁର, ଖିଚିଂ, କରଞ୍ଜିଆ, ଠାକୁରମୁଣ୍ଡା, ଶରତ, କପ୍ତିପଦା ହୋଇ ଉଦଳାରେ ପହଂଚିବ। ସେହିପରି ୯ତାରିଖ ତୃତୀୟ ଦିନ ଉଦଳାରୁ ବାହାରି ଶୋଭାଯାତ୍ରା ଖୁଣ୍ଟା, ହରିପୁର ଗଡ଼, ବଡ଼ସାହି, ମାଣଡ୍ରୀ, ପାଟୁଲିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମୋରଡା, ବାଘଡା, କୋଷ୍ଟା, ଶୁଳିଆପଦା, ଦେଉଳି ହୋଇ ବାରିପଦା ପଲବଣି ଗୋଲେଇରେ ପହଂଚିବା ପରେ ସହର ପରୀକ୍ରମା କରି ଛଉ ପଡିଆ ନିକଟରେ ଜାଗରଣ ଯାତ୍ରା ଉଦଯାପିତ ହେବ ବୋଲି ଜଣାଯାଇଛି।

## ବିଜେପି ପକ୍ଷରୁ ରୋଗୀ ମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ

ବାସୁଦେବପୁର, ୦୭/୩ (ନି.ପ୍ର): ଭାରତ ବର୍ଷର ପୂର୍ବତନ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତାବ୍ଦୀ ବର୍ଷ ପାଳନ ଅବସରରେ ବାସୁଦେବପୁର ବିଜେପି ପକ୍ଷରୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ ମୁଖ୍ୟ ନେତୃତ୍ୱ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପିର କୈଳାସ ଚନ୍ଦ୍ର ପଣ୍ଡା, ଅସିତ୍ କୁମାର ଦାଶ,




ହେମନ୍ତ ସନ୍ଧି ବିଗ୍ରହ, ପ୍ରତାପ ସେନାପତି, ପ୍ରବୀଣ ବେହେରା, ସନ୍ତୋଷ ମହାନ୍ତି, ବିଦ୍ୟାଧର ମାଝି, ନିର୍ମଳ ସାହୁ, ଶ୍ରୀଧର ନାୟକ, ଧୀରେନ୍ଦ୍ର ପଣ୍ଡୁଆ, ନିର୍ମଳ ବାରିକ, ବସନ୍ତ ଦୀକ୍ଷିତ, ତପନ ବେହେରା, ମିନତୀ ପାତ୍ର, ଦମୟନ୍ତୀ ଦ୍ୱିବେଦୀ, ଶରତ ନାୟକ, ପ୍ରଭଞ୍ଜନ ପରିଡା, ସଞ୍ଜୀବ ମହାନ୍ତି, ବାପୁଜୀ ମହାନ୍ତି, ବିଦ୍ୟାଧର ସେଠି, ଶ୍ରୀକାନ୍ତ ନାୟକ, ପ୍ରତାପ ମହାନ୍ତି, ବିଜୟ ମିଶ୍ର, ପର୍ଶୁରାମ ସାହୁ, ମିନକେତନ ମହାନ୍ତି, ଅରୁଣ ଦାସ, ଆନନ୍ଦ ଶଙ୍କର ଦାସ, ରଞ୍ଜନ ବାରିକ, ନାରାୟଣ ମଲ୍ଲିକ, ଶ୍ରୀଧର ମଲ୍ଲିକ, କୁଞ୍ଜ କିଶୋର ନାୟକ ପ୍ରମୁଖ ଏହି ଫଳ ବଣ୍ଟନ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଉଦଳା ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବୁଲିର ଉଦ୍‌ଘାଟନ ଉତ୍ସବ

ଉଦଳା , ୦୭/୩ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟି ଆଜି ମାର୍ଚ୍ଚ ୭ ତାରିଖ ଶୁକ୍ରବାର ଦିନ ଉଦଳା ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୂର୍ତି ପ୍ଲାଟିନମ ଜୁବୁଲିର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବିଦ୍ୟାଳୟ ପ୍ରତିଷ୍ଠା ହେବା ଠାରୁ ଏହାର ରଜତ ଜୟନ୍ତି କିମ୍ବା ସୁବର୍ଣ୍ଣ ଜୟନ୍ତି ଉତ୍ସବ ପାଳିତ ହୋଇନଥିବା ବେଳେ ଏକାଥରକେ ପ୍ଲାଟିନମ ଜୁବୁଲି ପାଳନ ଉତ୍ସବ ସମସ୍ତଙ୍କ ମନରେ ଭିନ୍ନ ସ୍ୱାଦର ଆନନ୍ଦ




ଖେଳାଇ ଦେଇଛି । ଆସନ୍ତା ୮ ଓ ୯ ତାରିଖ ଅହୁରି ୨ଦିନ ଧରି ଏହି ଉତ୍ସବ ପାଳିତ ହେବାକୁ ଥିବା ବେଳେ ଆଜି ଉଦ୍‌ଘାଟନ ଉତ୍ସବ ଅବସରରେ ଏକ ଶୋଭାଯାତ୍ରା ଉଦଳା ସହର ପରିକ୍ରମା କରିଥିଲା । ବର୍ତମାନ ଅଧ୍ୟୟନରତ ଛାତ୍ରଙ୍କ ସହିତ ପୂର୍ବତନ ଛାତ୍ର ମାନେ ଏହି ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ତେବେ କୌଣସି ଶିକ୍ଷକ ତାଲିମ ନଯିବା ଫଳରେ ବିଦ୍ୟାଳୟରୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନି (ଏନ୍.ସି.ସି.) ଉଠିଯାଇଛି । ଆଜିର ଶୋଭାଯାତ୍ରାରେ ସମର ଶିକ୍ଷାର୍ଥୀ ବାହିନିର ଛାତ୍ର ମାନଙ୍କୁ ନଦେଖି ସମସ୍ତେ ଖୁବ୍ ଦୁଃଖ ପ୍ରକାଶ କରିଥିଲେ । ବର୍ତମାନ ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ କୌଣସି ଉଚ୍ଚ ବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନି ନଥିବାର ଖବର ଆମର ହସ୍ତଗତ ହୋଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida